ଟୀପ୍‌ପଣୀ

# ୨୫

# ପାରମ୍ପରିକ ସାମ୍ବାଦିକର ଉପକ୍ରମଣ

ଆପଣ ପୂର୍ବ ଅଧ୍ୟାୟମାନଙ୍କରେ ସଂଚାର ସମ୍ପର୍କରେ ବିଭିନ୍ନ ସାମ୍ବାଦିକତାର ସଂଚାର ସମ୍ପର୍କୀୟ ବିଭାଗ ସମ୍ପର୍କରେ ତଥା ସଂଚାରର ବ୍ୟବହାର ଏବଂ ପ୍ରତିଦିନର ଜୀବନ ଚର୍ଚ୍ଚାରେ ଏହାର ଗୁରୁତ୍ୱ ସମ୍ପର୍କରେ ବିଭିନ୍ନ ଶିକ୍ଷା ଲାଭ କଲେ, ଏହା ମଧ୍ୟ ଜାଣିବା ଆବଶ୍ୟକ ଅଟେ ଯେ, ସଂଚାର କେବଳ ମୁଦ୍ରଣ, ଦୂରଦର୍ଶନ, ବେତାର, ଫଟୋଗ୍ରାଫୀ ଏବଂ ଇଣ୍ଟରନେଟ୍ ବ୍ୟବସ୍ଥାରେ ସୀମିତ ନୁହେଁ । ସଂଚାରର ଅନ୍ୟାନ୍ୟରୂପ ମଧ୍ୟ ରହିଛି, ଯାହାକି ଆପଣମାନଙ୍କ ଚତୁଃପାର୍ଶ୍ୱରେ ବିଭିନ୍ନ ଅବସ୍ଥାରେ ରହିଅଛି ।

ଆପଣମାନଙ୍କୁ କୌଣସି ନୃତ୍ୟ କାର୍ଯ୍ୟକ୍ରମ, ଯାଦୁକର ପ୍ରଦର୍ଶନୀ କିମ୍ବା ମେଳା ମହୋତ୍ସବ ଦେଖିବାର ମନେଅଛି କି ? ଆପଣ ମାନୁଛନ୍ତି କି ଏସବୁ ଦେଖିଥିବା ଜିନିଷ କିଛି ମନୋରଞ୍ଜନ, ଶିକ୍ଷା ତଥା ସୂଚନା ଆମ୍ଭମାନଙ୍କୁ ପ୍ରଦାନ କରୁଛି ।

ଇଲୋକ୍ଟ୍ରୋନିକ୍ସ ସାମ୍ବାଦିକତାର ପ୍ରଚଳନ ପୂର୍ବରୁ ଲୋକମାନେ ନିଜ ନିଜ ଭିତରେ ସୁଖ, ଦୁଃଖ ଏବଂ ସୂଚନା କିପରି ପ୍ରଦାନ କରୁଥିଲେ ତାହା ଚିନ୍ତା କରିଛନ୍ତି କି ? ଏହା କେଉଁ ମାଧ୍ୟମ ଥିଲା ଯାହା କି ଲୋକମାନଙ୍କୁ ନିଜ ନିଜ ଭିତରେ ଏସବୁ ସଂଚାର କରିବାରେ ସାହାଯ୍ୟ କରୁଥିଲା । ଏହି ଅଧ୍ୟାୟରେ ସଂଚାରର ବିଭିନ୍ନ ମାଧ୍ୟମ ବିଷୟରେ ଆପଣ ବିଶେଷ ଶିକ୍ଷା ଲାଭ କରିବେ ।

## ଉଦ୍ଦେଶ୍ୟ :

ଏହି ଅଧ୍ୟାୟ ଶିକ୍ଷା କରିବା ପରେ ଆପଣ ନିମ୍ନଲିଖିତ ବିଷୟକୁ କରିବାରେ ସକ୍ଷମ ହେବେ ।

- ପାରମ୍ପରିକ ମାଧ୍ୟମକୁ ପରିଭାଷିତ କରିପାରିବେ ।
- ପାରମ୍ପରିକ ମାଧ୍ୟମର ବିଭିନ୍ନ ରୂପକୁ ଚିହ୍ନଟ କରିପାରିବେ ।
- ପାରମ୍ପରିକ ମାଧ୍ୟମ ଏବଂ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ଥିବା ବିଭିନ୍ନତାକୁ ଜାଣିପାରିବେ ।
- ସଂଚାର କ୍ଷେତ୍ରରେ ପାରମ୍ପରିକ ମାଧ୍ୟମର ଉପଯୋଗିତା ସମ୍ପର୍କରେ ବିଶଦ ଆଲୋଚନାର ଚର୍ଚ୍ଚା କରିବେ ।

## ପାରମ୍ପରିକ ମାଧ୍ୟମର ସଂଜ୍ଞା ବା ପରିଭାଷା :

ଆଜି ବି ମଧ୍ୟ ଏପରି ଗାଁ ଅଛି, ଯେଉଁଠାରେ ବିଜୁଳିର ସୁବିଧା ନାହିଁ । ଏପରି ଜାଗାରେ ଥିବା ବ୍ୟକ୍ତି ବିଶେଷ ଦୂରଦର୍ଶନ ଦେଖିବା କିମ୍ବା ଇଣ୍ଟରନେଟ୍‌ର ବ୍ୟବହାର କରିବାରେ ସଫଳ ହୋଇପାରନ୍ତି ନାହିଁ । ସେହିପରି ନିରକ୍ଷର ଲୋକମାନେ ମଧ୍ୟ ସମ୍ବାଦପତ୍ର ତଥା ପତ୍ରିକା ପଢ଼ିପାରନ୍ତି ନାହିଁ କିନ୍ତୁ ଏହାର ଅର୍ଥ

ନୁହେଁ କି ଯେ ଏମାନେ ସଂଚାର କରିପାରନ୍ତି ନାହିଁ । ଏହିମାନେ ସ୍ଥାନୀୟ ଭାଷା ଏବଂ ସ୍ଥାନୀୟ ସଂସ୍କୃତିକୁ ଆଧାର କରି ବିଭିନ୍ନ ପ୍ରକାର ବିକାଶର ସଂଚାର କରିଥାଆନ୍ତି । ଆପଣମାନେ ନିଜ ନିଜର ପିତାମାତା, ଜେଜେବାପା ଏବଂ ଜେଜେ ମା'ଙ୍କ ଠାରୁ ରାମାୟଣ, ମହାଭାରତ ଭଳି ମହାକାବ୍ୟର କଥା କାହାଣୀ ତଥା ଏଥିରେ ବର୍ଣ୍ଣିତ ଏବଂ ଦେଶରେ ରାଜତ୍ୱ କରିଥିବା ରାଜା ଓ ରାଣୀମାନଙ୍କର ଗୌରବଗାଥା ସମ୍ପର୍କରେ ଅନେକ କାହାଣୀ ଶୁଣିଥିବେ । ସେହିପରି ବିଭିନ୍ନ ପ୍ରକାର ପର୍ବପର୍ବାଣୀ ତଥା ପାରମ୍ପରିକ ଭାବରେ ଜଣେ ଭଲ ମଣିଷ ହେବାର ଅନେକ କାହାଣୀ ଆମ୍ଭମାନଙ୍କ ପାଖରେ ସାଇତା ହୋଇଛି । ଏହିପରି ଭାବରେ ସୂଚନା ବିଦ୍ୟା ଯୁବପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ହସ୍ତାନ୍ତରିତ ହୋଇଥାଏ ଏବଂ ପାରମ୍ପରିକ ମାଧ୍ୟମରେ ବିଭିନ୍ନ ରୂପର ବିକାଶ ଲାଭ କରିଥାଏ ।

ତେଣୁ ଏବେ ଆମେ ପାରମ୍ପରିକ ମାଧ୍ୟମକୁ ପରିଭାଷିତ କରିବା ।

***ଅଣ ବୈଦ୍ୟୁତିକ ମାଧ୍ୟମ ଯାହାକି ଆମର ସଂସ୍କୃତିର ଏକ ଅଂଶ ଭାବରେ କାର୍ଯ୍ୟ କରୁଥାଏ ତଥା ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ ପାରମ୍ପରିକ ଉପାୟରେ ହସ୍ତାନ୍ତକରଣର ସାଧନ ହୋଇଥାଏ ତାହାକୁ ପାରମ୍ପରିକ ମାଧ୍ୟମ କୁହାଯାଏ ।***

## *କାର୍ଯ୍ୟକ୍ରମ : ୨୫.୧*

ପାରମ୍ପରିକ ମାଧ୍ୟମର ବିଭିନ୍ନ ରୂପକୁ ସ୍ପଷ୍ଟ କରିବା ପାଇଁ ଆମେ ଏହି ଖଣ୍ଡର ଅଧ୍ୟୟନ କରିବା ପୂର୍ବରୁ ଆପଣମାନେ କିଛି ପାରମ୍ପରିକ ମାଧ୍ୟମ ସମ୍ପର୍କରେ ସୂଚନା ଦିଅନ୍ତୁ ଯାହାକି ଆପଣଙ୍କ ଚାରିପାଖରେ ରହିଅଛି ।

ପାରମ୍ପରିକ ମାଧ୍ୟମର ବିଭିନ୍ନ ରୂପ ଦେଶର ବିଭିନ୍ନ ପ୍ରାନ୍ତରରେ ବିଭିନ୍ନ ନାମରେ ନାମିତ କରାଯାଇଛି । ଉଦାହରଣ ସ୍ୱରୂପ – ଆନ୍ଧ୍ରପ୍ରଦେଶର ଜନପଦମ୍ ଏକ ଗାଁ ତଥା ଜନପଦୁଲୁ ଗ୍ରାମବାସୀମାନଙ୍କୁ କୁହାଯାଏ । ଗ୍ରାମର ଲୋକକଳା ରୂପକୁ ଜନପଦ କଳାକୁ ରୂପ ହିସାବରେ ଜାଣିବାକୁ ମିଳେ । ସେହିପରି ଲୋକନୃତ୍ୟ ଏବଂ ଲୋକଗୀତକୁ ଜନନୃତ୍ୟ ଏବଂ ଜନଗାନ କୁହାଯାଏ । ସେହିପରି ଭାରତର ଅନ୍ୟାନ୍ୟ ରାଜ୍ୟରେ ବିଭିନ୍ନ ପ୍ରକାର ଲୋକକଳାର ବିଭିନ୍ନ ରୂପ ଦେଖିବାକୁ ମିଳେ । ଏହା ଲୋକମାଧ୍ୟମ ବା ଜନତାଙ୍କ ମାଧ୍ୟମରେ ଉପଯୋଗ ହୋଇଥାଏ । ଲୋକକଳାର ଏହିସବୁ ରୂପ ଲୋକମାନଙ୍କର ବ୍ୟକ୍ତିତ୍ୱ, ଶୈଳୀ, ସଂଗୀତ, ନୃତ୍ୟ, ବ୍ୟବହାର ଇତ୍ୟାଦିର ଉଦାହରଣ ଦେଇ ଲୋକମାନଙ୍କର ପ୍ରତିନିଧିତ୍ୱ କରିବାରେ ସହାୟକ ହୋଇଥାଏ ।

ପାରମ୍ପରିକ ମାଧ୍ୟମର ଉପକରଣ ବିଶ୍ୱାସ ପ୍ରଥା ରୀତିନୀତିର ପରମ୍ପରା ଉପରେ ବିକାଶ ଲାଭ କରିଥାଏ । ଯାହାର ଉପକାରିତା ଲୋକମାନେ ହିଁ କରିଥାନ୍ତି । ଏହା ବହୁ ପୁରାତନ ଏବଂ ପୁରୁଣା ତତ୍ତ୍ୱରେ ସମ୍ମିଳିତ ହୋଇଥାଏ ।

ପାରମ୍ପରିକ ମାଧ୍ୟମର ସଂଚାର ସେହି ରୂପର ପ୍ରତିନିଧିତ୍ୱ କରିଥାଏ, ଯାହାକି ଗୀତ, ସଂଗୀତ, ଶବ୍ଦ, ତଥ୍ୟ ଦୃଶ୍ୟ କଳାରୂପର ମାଧ୍ୟମରେ ସମାଜରେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ସାମୂହିକ ଭାବରେ ହସ୍ତାନ୍ତରିତ ହୋଇଥାଏ । ଏହା ସ୍ଥାନୀୟ ରୂପରେ ବିକଶିତ ହୋଇଥାଏ ଏବଂ ବହୁ କାଳରୁ ସଂଚାରର ଏକ ଉପକରଣ ତଥା ମାଧ୍ୟମର ରୂପରେ ବ୍ୟବହାରରେ ଲାଗେ ।

ସଂଚାରର ଏହି ପାରମ୍ପରିକ ମାଧ୍ୟମ କ'ଣ ଏବେ ଉଜ୍ଜିବୀତ ଅଛି ? ହଁ, ଏହା ଅଛି । ଏହାର ବିଷୟବସ୍ତୁ ସଂସ୍କୃତି ତଥା ରୂପରେ ଭିନ୍ନତା ଥିଲେ ମଧ୍ୟ ସଂଚାରର ଏହି ଉଦ୍ଦେଶ୍ୟ ଏହାଦ୍ୱାରା ଲାଭ ହୋଇପାରୁଛି । କିଛି ସାଧାରଣ ଉଦାହରଣ ସ୍ୱରୂପ ***ରଙ୍ଗୋଲି*** ( ରଙ୍ଗିନ ପାଉଡ଼ର ବ୍ୟବହାର କରି ଛବି ନିର୍ମାଣ କରିବା ) ***କାହାଣୀ ଶୁଣାଇବା, ଡ୍ରାମା ତଥା କାଠକଣ୍ଢେଇ ଅଟେ ।***



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନ : ୨୫.୧

୧. ପାରମ୍ପରିକ ମାଧ୍ୟମକୁ ପରିଭାଷିତ କରନ୍ତୁ ।

୨. ପାରମ୍ପରିକ ମାଧ୍ୟମର ତିନୋଟି ରୂପ ଯାହାକି ଆଜି ପ୍ରଚଳିତ ଅଛି, ତାହାର ନାମ ଲେଖନ୍ତୁ ।

କ) ________________

ଖ) ________________

ଗ) ________________


## ପାରମ୍ପରିକ ମାଧ୍ୟମର ବିଭିନ୍ନ ରୂପ

ପାରମ୍ପରିକ ମାଧ୍ୟମର ରୂପ କିଛି ବି ହୋଇପାରେ ଯାହାକି ପରିବାର, ବନ୍ଧୁ ତଥା ସମାଜରେ ସଂଚାରର ଉଦ୍ଦେଶ୍ୟକୁ ସଠିକ୍ ଭାବରେ ଉପସ୍ଥାପିତ କରିପାରୁଥିବ । ସବୁ ରୂପର ଲୋକପ୍ରିୟତା ହେବାର ଆବଶ୍ୟକତା ନଥାଏ, କିନ୍ତୁ ଏହା ସଂଚାର କ୍ଷେତ୍ରରେ ସାହାଯ୍ୟ କରେ । ଆପଣମାନେ ପୂର୍ବରୁ ଦେଖିଛନ୍ତି ଏହି ରୂପ ବିଭିନ୍ନ ସମୁଦାୟ ତଥା କ୍ଷେତ୍ରରେ ଅଲଗା ଅଲଗା ଅଟେ । ଆପଣଙ୍କ ବିଶେଷ ସୁବିଧା ପାଇଁ ନିମ୍ନଲିଖିତ ରୂପକୁ ବିଭିନ୍ନ ଭାବରେ ବର୍ଗୀକରଣ କରାଯାଇଛି ।

- ପାରମ୍ପରିକ ନୃତ୍ୟ
- ନାଟକ
- ଚିତ୍ରକଳା
- ମୂର୍ତ୍ତିକଳା
- ସଂଗୀତ
- ଗୀତ
- ପ୍ରଧାନ ବିଚାର ତଥା ପ୍ରତୀକ



ଚିତ୍ର ୨୫.୧(କ)



ଟୀପ୍‌ପଣୀ

ଏହା ଅତ୍ୟନ୍ତ ମଜାର ବିଷୟଯେ, ପାରମ୍ପରିକ ମାଧ୍ୟମରେ କିଛି ରୂପରେ ଅନ୍ୟାନ୍ୟ ସମସ୍ତ ପ୍ରକାର ଉପରୋକ୍ତ ରୂପର ପ୍ରୟୋଗ କରାଯାଇପାରିବ । ଉଦାହରଣ ସ୍ୱରୂପ ପାରମ୍ପରିକ ଶୈଳୀରେ ଭଗବାନ



ଚିତ୍ର ୨୫.୧ (ଖ)

ରାମଙ୍କର କଥା ଲୋକନାଟ୍ୟ ରୂପରେ ପ୍ରସ୍ତୁତ ରୂପ ରାମଲୀଳା ଉତ୍ତରପ୍ରଦେଶରେ ଲୋକପ୍ରିୟ ଅଟେ, ଯାହାକି ଉପରବର୍ଣ୍ଣିତ ସମସ୍ତ ରୂପରେ ସମ୍ମିଳିତ ଅଟେ ।

ସଂଚାରର ଏକ ଲୋକପ୍ରିୟ ପାରମ୍ପରିକ ରୂପ ହିସାବରେ ନଗାଡ଼ା ବା ଢ଼ୋଲବାଦ କରି ମୁନାଦିର ଉଦ୍‌ଘୋଷଣାକୁ ନିଆଯାଏ । ନଗାଡ଼ିର ଏହି ଢ଼ୋଲ ବଜା ସଂଗେ ସଂଗେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ବାର୍ତ୍ତା ପହଞ୍ଚାଯାଇଥାଏ ।

କାଠ କଣ୍ଢେଇ ଭାରତର ଗ୍ରାମୀଣ କ୍ଷେତ୍ରରେ ଏକ ବହୁବ୍ୟାପ୍ତ ପାରମ୍ପରିକ ଲୋକପ୍ରିୟ ମାଧ୍ୟମ ଅଟେ । ଛାୟା କାଠ ମୂର୍ତ୍ତି ତଥା ସୂତା କାଠ ମୂର୍ତ୍ତି ଏହାର ଦୁଇ ଲୋକପ୍ରିୟ ରୂପ ଅଟେ । ପଟ୍ଟଚିତ୍ର କଥା ସେହି ଗଳ୍ପକୁ ବୁଝାଏ, ଯାହାକି ତାଳପତ୍ରରେ ଲେଖାଥିବା ରୂପକୁ କଥା ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ ।

କଥା ତଥା ଗଳ୍ପ କହିବା ମଧ୍ୟ ପାରମ୍ପରିକ ମାଧ୍ୟମର ଏକ ରୂପ ଅଟେ । ଯେତେବେଳେ ଲେଖାଶବ୍ଦର ଅସ୍ତିତ୍ୱ ନଥିଲା ସେତେବେଳେ ଏହି କଥା ସଂଚାରର ଏକ ଉନ୍ନତ ମାଧ୍ୟମ ଥିଲା । ଉଦାହରଣ ସ୍ୱରୂପ ଐତିହାସିକ ଗଳ୍ପ ତଥା ବିଭିନ୍ନ ଆଞ୍ଚଳିକ ବ୍ୟକ୍ତିବିଶେଷଙ୍କର ଯୁଦ୍ଧଗାରିମା ତଥା ସ୍ୱାଧିନତା ସଂଗ୍ରାମରେ ସେମାନଙ୍କର ଯୋଗଦାନକୁ ସଂଗୀତ ଏବଂ ନାଟକ ମାଧ୍ୟମରେ ଉପସ୍ଥାପନ କରିବା । ଏହା କୌଣସି ଲେଖା ଦସ୍ତାବିଜ ରୂପରେ ସଂରକ୍ଷିତ ନ ଥିଲା । ଏହାର ବଦଳରେ ମୌଖିକ ସଂଚାର ମାଧ୍ୟମରେ ଗୋଟିଏ ଘରରୁ ଆଉ ଗୋଟିଏ ଘରକୁ ଏବଂ ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ଏହା ପ୍ରସାରିତ ହେଉଥିଲା । ସେମାନେ ଏହି



ଟୀପ୍‌ପଣୀ

କଥାବସ୍ତୁକୁ ସଂରକ୍ଷିତ କରି ରଖୁଥିଲେ । ଆପଣଙ୍କୁ ଆପଣଙ୍କ କ୍ଷେତ୍ରରେ ଏଭଳି ପ୍ରଚଳିତ କୌଣସି ଗଳ୍ପର ଧାରଣା ଅଛି କି ?

ଐତିହାସିକ ତଥା ମହାକାବ୍ୟ କଥା ଯଥା ହରିକଥା ଏବଂ କବିଗାନ ଏ ଦୁଇଟି ସଂଚାର କ୍ଷେତ୍ରରେ ଐତିହାସିକ ଏବଂ କାବ୍ୟର ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ବସ୍ତରର ମୁରିଆ ଜନଜାତି ମଧ୍ୟରେ ଥିବା ପୋଟୁଲ ତଥା ବିହାରର ଓରାଓଁର ଧୁମକୁରିଆ ଭଳି ଯୁବସଭାରେ ଏଭଳି କଥାବାର୍ତ୍ତା ପରମ୍ପରା ରହିଆସିଛି ।

***<u>ନୌଟଙ୍କୀ</u>*** ଉତ୍ତର ଭାରତର ଏକ ଲୋକପ୍ରିୟ ଲୋକ କଳାରୂପ ଯାହାକି ସଂଗୀତ ତଥା ନୃତ୍ୟର ସମ୍ମିଶ୍ରଣରେ ହୋଇଅଛି । ଚଳଚିତ୍ରର ଆଗମନ ପୂର୍ବରୁ ଏହା ମନୋରଂଜନର ଏକ ସର୍ବାଧିକ ଲୋକପ୍ରିୟ ମାଧ୍ୟମ ଥିଲା ।

***<u>ମେଳା ତଥା ପର୍ବପର୍ବାଣୀ</u>*** ଯେଉଁଥିରେ ସାମାଜିକ ପାରମ୍ପରିକ ରୀତିନୀତି ତଥା ଧାର୍ମିକ ଭାବର ସମ୍ମିଶ୍ରଣ ହୋଇଛି ଲୋକମାନଙ୍କୁ ଏକାଠି କରି ସେମାନଙ୍କର ବିଚାର ଧାରାକୁ ଆଦାନ-ପ୍ରଦାନ କରିବାର ଏହା ଏକ ବିଶେଷ ମଞ୍ଚ ସୃଷ୍ଟି କରିଥାଏ । ଲୋକନୃତ୍ୟ ଗୋଟିଏ ସ୍ଥାନରୁ ଆର ସ୍ଥାନ ପର୍ଯ୍ୟନ୍ତ ଅଲଗା ଅଲଗା ହୋଇଥାଏ । ଉଦାହରଣ ସ୍ୱରୂପ ଆପଣମାନଙ୍କୁ ପୂର୍ବୋତ୍ତର ଓଡ଼ିଶା ତଥା ଗୁଜୁରାଟି ଜନଜାତିଙ୍କ ଲୋକ ନୃତ୍ୟରେ ବିବିଧତାର ଝଲକ ଦେଖିବାକୁ ମିଳିବ । ପ୍ରତ୍ୟେକ ଜନଜାତିର ନିଜସ୍ୱ ନୃତ୍ୟଥାଏ ଏବଂ ପୋଷାକ, ଆଳଙ୍କରିକ ସଜବାଜ, ସାମାଜିକ ନୀତି ନିୟମ, ତଥା ପ୍ରଧାନ ବିଚାର ଧାରା ମଧ୍ୟ ବିଭିନ୍ନ ପ୍ରକାରର ଅଟେ ।

ଗୋଟେ ପିଢ଼ିରୁ ଆଉ ଗୋଟେ ପିଢ଼ିକୁ ସଂସ୍କୃତି ହସ୍ତାନ୍ତରଣରେ ପାରମ୍ପରିକ ଚିତ୍ରକଳା, ପ୍ରସ୍ତର ଚିତ୍ରକଳା, ଶିଳାଲେଖ, ପ୍ରତିମା ତଥା ସ୍ତୁପକଳାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଅଛି ।

ଅନ୍ନଗୃହ ତଥା ପଶୁଗୃହକୁ ମଧ୍ୟ ପାରମ୍ପରିକ ମାଧ୍ୟମର ପ୍ରକାର ରୂପରେ ମାନ୍ୟତା ମିଳିଅଛି । ପଶୁମାନଙ୍କୁ ଡାକିବାର ପାରମ୍ପରିକ ଶବ୍ଦ ଶୈଳୀ ତଥା ସେମାନଙ୍କୁ ଆକଟ କରିବାକୁ ମଧ୍ୟ ସଂଚାରର ଏକ ରୂପ ହିସାବରେ ସ୍ୱୀକାର କରାଯାଇଅଛି ।

ଆପଣ ଏଠାରେ ସ୍ପଷ୍ଟ ହୋଇଯାଆନ୍ତୁ ଯେ ଉପର ବର୍ଣ୍ଣିତ ବର୍ଗୀକରଣ କେବଳ କେତୋଟି ସାମାନ୍ୟ ବା ମୁଖ୍ୟ ବର୍ଗୀକରଣ ଅଟେ । ଏମାନଙ୍କର ଅନେକ କ୍ଷେତ୍ରୀୟ ବର୍ଗୀକରଣ ମଧ୍ୟ ଅଛି ।

**ସ୍ତମ୍ଭ ୨୫.୧ : ଅନ୍ୟାନ୍ୟ ପାରମ୍ପରିକ ମାଧ୍ୟମର ପ୍ରକାର ଭେଦ**

| |
|---|
| *ପୁରାଣ କଥାବସ୍ତୁ, ଉପାଖ୍ୟାନ, ଲୋକକଥା, ଗୁଲିଖଟି, ମନ୍ତ୍ର, ଢଗଢ଼ମାଳି, ଭଜନ, ରୀତିନୀତି, କଥାବସ୍ତୁ, ସ୍ଥାନ, ମଙ୍ଗଳଗାନ, ଅଭିଶାପ, ଶପଥ, ଅପମାନ, ନାମ, ଅନ୍ଧବିଶ୍ୱାସ, ପ୍ରତ୍ୟୁତ୍ତର, କଳଙ୍କ, ଖେଳ, ଭାବଭଙ୍ଗୀ, ଇନ୍ଦ୍ରଜାଲ, ଲୋକଔଷଧି, ପ୍ରତୀକ, ପ୍ରାର୍ଥନା, ଅଭ୍ୟାସ, ପର୍ବପର୍ବାଣୀ, କବିତା, ଲୋକଶବ୍ଦାବଳୀ, ପାକଶାସ୍ତ୍ର, ସାହିତ୍ୟିକ କଳାତ୍ମକ ଅଭିବ୍ୟକ୍ତି, ଏମବ୍ରୋଡ଼ୋରି ଡିଜାଇନ୍, ରୂପସଜ୍ଜା, କଥା, କାଳ୍ପନିକ କଥା, ବିଶ୍ୱାସ, ନୃତ୍ୟ, ଔଷଧି, ବାଦ୍ୟଯନ୍ତ୍ର ସଂଗୀତ, ରୂପକ, ନାମ* |

### *କ୍ରିୟାକଳାପ ୨୫.୨*


ଉପରୋକ୍ତ ସ୍ତମ୍ଭରୁ ଚିହ୍ନିତ କରି ଆପଣଙ୍କ ନିତ୍ୟ ନୈମିତ୍ତିକ ଜୀବନରେ ବ୍ୟବହୃତ ହେଉଥିବା ପାରମ୍ପରିକ ମାଧ୍ୟମର ରୂପକୁ ଚିହ୍ନି ଏହାର ଏକ ସୂଚୀ ପ୍ରସ୍ତୁତ କରନ୍ତୁ ।

## ପାଠ୍ୟଗତ ପ୍ରଶ୍ନ ୨୫.୨

1. ଠିକ୍ ବାଛନ୍ତୁ ।

   i) ସୂଚନା ଏକ ______________ ଅଟେ ।

   (କ) ବିଳମ୍ବିତ ପ୍ରକିୟା (ଖ) ନିରନ୍ତର ପ୍ରକିୟା (ଗ) ସକ୍ରିୟ ପ୍ରକିୟା (ଘ) ସୁପ୍ତ ପ୍ରକିୟା



ଟୀପ୍ପଣୀ

ii) ନିମ୍ନଲିଖିତ ମଧ୍ୟରୁ କେଉଁଟି ପାରମ୍ପରିକ ମାଧ୍ୟମ ନୁହେଁ ।

(କ) ପାରମ୍ପରିକ ଖେଳ (ଖ) ବାଲାଡ଼ସ୍ (ଗ) ଚାଟ ସୋ (ଘ) କାଠପୁତୁଳା

iii) ଜନ ମାଧ୍ୟମ ଶବ୍ଦର ଅର୍ଥ କ'ଣ ?

(କ) ପାରମ୍ପରିକ ମାଧ୍ୟମ (ଖ) ଲୋକ ମାଧ୍ୟମ (ଗ) ମୁଦ୍ରଣ ମାଧ୍ୟମ (ଘ) ପ୍ରସାରଣ ମାଧ୍ୟମ

2. ପାରମ୍ପରିକ ସଂଚାରର ତିନୋଟି ପ୍ରାଚୀନ ରୂପ ସଂପର୍କରେ ଲେଖନ୍ତୁ ।

(କ) ____________________

(ଖ) ____________________

(ଗ) ____________________

**୨୫.୨ ପାରମ୍ପରିକ ମାଧ୍ୟମ ତଥା ଦୂରଦର୍ଶନ**

ଆପଣଙ୍କୁ ଦୂରଦର୍ଶନରେ କାର୍ଯ୍ୟକ୍ରମ ଦେଖିବା, ରାମଲୀଳା ପ୍ରଦର୍ଶନ ଦେଖିବା ତଥା ଆଇ ମା'ଙ୍କ ଠାରୁ ଗଳ୍ପ ଶୁଣିବା ଏ ତିନୋଟି ମଧ୍ୟରେ କି ପରିବର୍ତ୍ତନ ଅନୁଭୂତ ହୁଏ ?

ବର୍ତ୍ତମାନ ଆମେ ପାରମ୍ପରିକ ମାଧ୍ୟମ ଏବଂ ବୈଦ୍ୟୁତିକ ବା ଇଲେକ୍‌ଟ୍ରୋନିକ୍ସ ମାଧ୍ୟମ ମଧ୍ୟରେ କିଛି ବିଭେଦ ଦେଖିବା ।

**ସାରଣୀ ୨୫.୨: ପାରମ୍ପରିକ ମାଧ୍ୟମ ଏବଂ ବୈଦ୍ୟୁତିକ ବା ଇଲେକ୍‌ଟ୍ରୋନିକ୍ସ ମାଧ୍ୟମ ମଧ୍ୟରେ ପାର୍ଥକ୍ୟ**

| ପାରମ୍ପରିକ ମାଧ୍ୟମ | ଇଲେକ୍ଟ୍ରୋନିକ୍ସ ମାଧ୍ୟମ |
|---|---|
| ◆ ଏହା ଏକ ଅଣ ବୈଜ୍ଞାନିକ ପଦ୍ଧତି ଅଟେ ।<br>◆ ଏହା ପ୍ରାକୃତିକ କମନୀୟ ଅଟେ ତଥା ସଂସ୍କୃତି ଗତ ଅଟେ ।<br>◆ ଏହା ଅପେକ୍ଷାକୃତ ଶସ୍ତା ମାଧ୍ୟମ ଅଟେ ।<br>◆ ଏଥିରେ ସନ୍ଦେଶ କେବଳ ଜୀବନ୍ତ ଭାବରେ ଦର୍ଶକଙ୍କ ଆଗରେ ପ୍ରସାରିତ ହୁଏ ।<br>◆ ଏହାର ପ୍ରସାରଣ ସୀମିତ ଅଟେ । | ◆ ପ୍ରକୃତିଗତ ବୈଜ୍ଞାନିକ ପଦ୍ଧତି ଅଟେ ।<br>◆ କମନୀୟ ଅଟେ କିନ୍ତୁ ସଂସ୍କୃତି ମୁକ୍ତ ଅଟେ ।<br>◆ ଏହା ମହଙ୍ଗା ଅଟେ । ଏଥିପାଇଁ ଆର୍ଥିକ ନିବେଶର ଜରୁରୀ ଅଟେ ।<br>◆ ସଂଦେଶକୁ ଯାନ୍ତ୍ରିକ ପଦ୍ଧତିରେ ପ୍ରସାରଣ କରାଯାଏ ।<br>◆ ଏହା ବହୁ ଜନସମାଜ ମଧ୍ୟରେ ପ୍ରସାରିତ ହୁଏ । |







ଟୀପ୍ପଣୀ

ଗପ କହିବା, ନୃତ୍ୟ, ନାଟକ, ଗୀତ ଇତ୍ୟାଦି ପାରମ୍ପରିକ ମାଧ୍ୟମ ଆପଣଙ୍କ ଶରୀରର ମାଧ୍ୟମ ଅଟେ । ଆପଣ ଅନ୍ୟାନ୍ୟ କୌଣସି ଜନମାଧ୍ୟମର ବିନା ସହାୟତାରେ ସନ୍ଦେଶକୁ ତିଆରି କରି ଏହାକୁ ପ୍ରସାରଣ କରିପାରନ୍ତି । ଆପଣ ନିଜେ ମଧ୍ୟ ନିଜର ଏବଂ ନିଜସ୍ୱ ମାଧ୍ୟମ ତିଆରି କରିପାରିବେ ।

ଉଦାହରଣ ସ୍ୱରୂପ ଗୋଟିଏ ପଥପ୍ରାନ୍ତ ନାଟକ ଯେଉଁଥିରେ କି କିଛି କଳାକାରକୁ ନେଇ କୌଣସି ସାମାଜିକ ତଥା ରାଜନୈତିକ ସନ୍ଦେଶ ଲୋକମାନଙ୍କ ନିକଟରେ ଅଭିନୟ ମାଧ୍ୟମରେ ପହଞ୍ଚାଯାଇଥାଏ । ଆପଣ କୌଣସି ଯନ୍ତ୍ରପାତି ତଥା ଯାନ୍ତ୍ରିକ ସହାୟତା ନ ନେଇ ମଧ୍ୟ ଏହା ପରିବେଷଣ କରିପାରିବେ ।

ଏହିପରି ଲୋକକଥା ବା ସଂଗୀତ ମଧ୍ୟ ଏକ ଲୋକପ୍ରିୟ ପଦ୍ଧତି ଅଟେ ଯାହାକି ଜଣେ ବ୍ୟକ୍ତିଙ୍କ ଦ୍ୱାରା ପରିବେଷଣ ହୁଏ ଏବଂ ଏହା ସମଗ୍ର ଶ୍ରୋତାଙ୍କୁ ଆକର୍ଷିତ କରେ । ଏହା ବୁଝିବା ପାଇଁ ବହୁତ ସରଳ ଅଟେ କିନ୍ତୁ କିଛି ମାତ୍ରାରେ ଏହା ସମାଜ ପ୍ରତି କଟାକ୍ଷ ଦୃଷ୍ଟିର ପ୍ରଭାବ ପକାଇଥାଏ । ଏଥିପାଇଁ କୌଣସି ବାଦ୍ୟଯନ୍ତ୍ର ମଞ୍ଚ ତଥା ଗୋଷ୍ଠୀର ଦରକାର ନ ଥାଏ ।

ଜଣେ ଗାୟକ ଯାହାଙ୍କ ପାଖରେ ଉଚ୍ଚ ଧରଣର ସଂଗୀତ କ୍ଷମତା, ବିଷୟ ବସ୍ତୁ ସଂପର୍କରେ ପୂର୍ଣ୍ଣ ଧାରଣା, ତଥା ରଚନାତ୍ମକ ଏବଂ ପରମ୍ପରାଗତ ପ୍ରଭାବ ରହିଥିବା ନିତ୍ୟାନ୍ତ ଆବଶ୍ୟକ ଅଟେ ।

ଅନ୍ୟପକ୍ଷରେ ଯାନ୍ତ୍ରିକ ମାଧ୍ୟମ ପାଇଁ ଏକ ନିର୍ଦ୍ଦିଷ୍ଟ ଶୈଳୀ, ନୀତି ନିର୍ଘଣ୍ଟ, ଉଚ୍ଚାରଣ ତଥା ନିର୍ଦ୍ଦିଷ୍ଟ ଶିକ୍ଷା ପଦ୍ଧତିର ଆବଶ୍ୟକତା ହୋଇଥାଏ । ଏଥିପାଇଁ କୌଣସି ସାଧାରଣ ଶ୍ରୋତାଙ୍କ ସକ୍ରିୟ ଭାଗିଦାରୀର ଆବଶ୍ୟକତା ନ ଥାଏ କିନ୍ତୁ ପାରମ୍ପରିକ ମାଧ୍ୟମ ପ୍ରକୃତି ସହିତ ମିଶି କରିଥାଏ । ଏହା ଜଣଙ୍କର ସାଧାରଣ ଜୀବନ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ହେବା ସଂଗେ ସଂଗେ ଅଧିକ ବନ୍ଧୁବତ୍ସଳ ତଥା ସ୍ଥାନୀୟ ବିଷୟ ବସ୍ତୁକୁ ଆଧାର କରିଥାଏ ।

## ୨୫.୩ ସଂଚାର କ୍ଷେତ୍ରରେ ପାରମ୍ପରିକ ମାଧ୍ୟମର ଉପଯୋଗିତା

ପାରମ୍ପରିକ ମାଧ୍ୟମ ଭାରତରେ ବହୁ ପୁରାତନ ସମୟରୁ ପ୍ରଚଳିତ ହୋଇଅଛି ତଥା ଗ୍ରାମାଞ୍ଚଳ କ୍ଷେତ୍ରରେ ସଂଚାରର ଏକ ମାଧ୍ୟମ ହିସାବରେ ବ୍ୟବହାର ହୋଇଆସୁଅଛି । ବହୁ ବର୍ଷରୁ ଗ୍ରାମାଞ୍ଚଳର ଜନସାଧାରଣ ନିଜ ନିଜର ସାମାଜିକ ପାରମ୍ପରିକ, ନୈତିକତା ତଥା ନିଜର ଭାବନାକୁ ଅଭିବ୍ୟକ୍ତ କରିବା ପାଇଁ ଏହି ପାରମ୍ପରିକ ମାଧ୍ୟମର ପ୍ରୟୋଗ କରିଆସୁଛନ୍ତି । ଭାରତର ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ଏହି ପାରମ୍ପରିକ ମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଲୋକମାନଙ୍କୁ ପ୍ରଭାବଶାଳୀ ଢଙ୍ଗରେ ଉଦ୍‌ବୁଦ୍ଧ କରିବା ସଂଗେ ସଂଗେ ସେମାନଙ୍କୁ ଏକତ୍ରୀତ କରିବାରେ ବହୁବିଧ ସାହାଯ୍ୟ କରିଆସୁଅଛି ।

ଉଦାହରଣ ସ୍ୱରୂପ ଭାରତର ସ୍ୱାଧୀନତାର ସଂଘର୍ଷମୟ ତଥା ଦେଶଭକ୍ତିର ସନ୍ଦେଶ ପାରମ୍ପରିକ ମାଧ୍ୟମ ଦ୍ୱାରା ତଥା ଏହି ମାଧ୍ୟମ ବହୁ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଲୋକପ୍ରିୟ ଅଭିନେତା ଉତ୍ପଳ ଦତ୍ତଙ୍କ ଅନୁସାରେ ତାଙ୍କ ଦ୍ୱାରା ବଙ୍ଗଳାରେ ରଚିତ ଲୋକନାଟ୍ୟ 'ଯାତ୍ରା' ସ୍ୱତନ୍ତ୍ରତା ସଂଘର୍ଷରେ ପ୍ରୟୋଗ କରାଯାଇଛି ।

ଲୋକଗାୟନ ପାଲାର ଉପଯୋଗ ଓଡ଼ିଶା ସରକାରଙ୍କ ଦ୍ୱାରା ବିଭିନ୍ନ ସାମାଜିକ ଘଟଣା ଉପରେ ରୂପାୟିତ କରାଯାଇ ଜନଜାଗରଣ ସୃଷ୍ଟି କରାଯାଇଛି ।

ବିଭିନ୍ନ ସାମାଜିକ ବିଷୟ ଯଥା– ଏଡ଼ସ୍ ସଚେତନତା ପୋଲିଓ ନିରାକରଣ ଯୋଜନା ଆଦିର ଜନଜାଗରଣ ପାଇଁ ଭାରତ ସରକାରଙ୍କର ଗୀତ ଏବଂ ନାଟ ବିଭାଗ ଏହି ପାରମ୍ପରିକ ମାଧ୍ୟମର ଉପଯୋଗିତା କରିଥାଏ । ଆପଣମାନେ ସବୁବେଳେ ଜାଣନ୍ତି ପର୍ବପର୍ବାଣୀରେ ମିଠା ଦିଆନିଆ ହୁଏ । ଜଣେ ଅନ୍ୟ ଜଣଙ୍କୁ ଅଭିନନ୍ଦନ କରିବା ସଂଗେ ସଂଗେ ନିଜ ନିଜର ଘରଦ୍ୱାର ସାଜସଜ୍ଜା କରିଥାଆନ୍ତି । ଏହା ଆମ ଭିତରେ ଥିବା ସ୍ନେହ ତଥା ଭାତୃଭାବ ଭାବନାକୁ ପ୍ରକଟିତ କରିଥାଏ । ଏହା ମଧ୍ୟ ପାରମ୍ପରିକ ମାଧ୍ୟମର ଏକ ଉଦାହରଣ ଅଟେ । ଆଜି ଆମେ ସନ୍ଦେଶ କିମ୍ବା ଅଭିନନ୍ଦନର ବାର୍ତ୍ତା ପ୍ରେରଣ କରିବା ପାଇଁ ସୂଚନା ମାଧ୍ୟମର ଅତ୍ୟାଧୁନିକ

ବ୍ୟବହାର ଯଥା- ମୋବାଇଲ୍ ଏବଂ ଇଣ୍ଟରନେଟ୍‌ର ବ୍ୟବହାର କରୁଅଛୁ । ଏହିପରି ଭାବରେ ପରମ୍ପରା ମାଧ୍ୟମ ଦ୍ୱାରା ସଂଚାର ଏକ ସକାରାତ୍ମକ ସମ୍ବନ୍ଧର ସେତୁ ପ୍ରତିଷ୍ଠାରେ ସାହାଯ୍ୟ କରିଥାଏ ।

## ପାଠ୍ୟଗତ ପ୍ରଶ୍ନ ୨୫.୩

୧. ଠିକ୍ ବିକଳ୍ପ ବାଛନ୍ତୁ ।

କ) ପାରମ୍ପରିକ ମାଧ୍ୟମ ______ ମାଧ୍ୟମ ଅଟେ ।

(କ) ପ୍ରୟୋଗାତ୍ମକ (ଖ) ଯାନ୍ତ୍ରିକ (ଗ) ନିଷ୍କ୍ରିୟ (ଘ) ବିନା ପ୍ରୟୋଗାତ୍ମକ

୨. ପାରମ୍ପରିକ ମାଧ୍ୟମରେ ଆପଣଙ୍କ ଶରୀର ଆପଣଙ୍କର ______ ଅଟେ ।

(କ) ସ୍ରୋତ (ଖ) ଶକ୍ତି (ଗ) ମାଧ୍ୟମ (ଘ) ମସ୍ତିଷ୍କ

୩. ପରମ୍ପରାଗତ ମାଧ୍ୟମର କେଉଁ ରୂପକୁ ଉତ୍କଳ ଦତ୍ତ ସ୍ୱାଧୀନତା ସଂଗ୍ରାମରେ ବ୍ୟବହାର କରିଥିଲେ ?

(କ) ଲୋକଗାନ (ଖ) ଯାତ୍ରା (ଗ) ଚିତ୍ରକଳା (ଘ) କାଠ କଣ୍ଢେଇ

୪. ଓଡ଼ିଶାର ଲୋକ ଗାୟନକୁ ______ କହନ୍ତି ।

(କ) ଯାତ୍ରା (ଖ) ପଟ୍ଟଚିତ୍ର କଥା (ଗ) କାଠ କଣ୍ଢେଇ (ଘ) ପାଲା

## ୨୫.୪ ଆପଣମାନେ କ'ଣ ଶିଖିଲେ

ସଂଜ୍ଞା ବା ପରିଭାଷା

ପରମ୍ପରାଗତ ମାଧ୍ୟମର ବିଭିନ୍ନ ରୂପ

- ଲୋକନୃତ୍ୟ
- ନାଟକ
- ଚିତ୍ରକଳା
- ଗୀତ
- ମୂର୍ତ୍ତିକଳା
- ସଂଗୀତ
- ପ୍ରଧାନ ବିଚାର ତଥା ପ୍ରତୀକ

ପରମ୍ପରାଗତ ମାଧ୍ୟମ ଏବଂ ବୈଦ୍ୟୁତିକ ମାଧ୍ୟମ ମଧ୍ୟରେ ପାର୍ଥକ୍ୟ ବା ଭିନ୍ନତା

ସଂଚାର କ୍ଷେତ୍ରରେ ପରମ୍ପରାଗତ ମାଧ୍ୟମର ଉପଯୋଗିତା

- ଏହା ସ୍ୱାଧୀନତା ସଂଗ୍ରାମରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା ।
- ଏହା ବିଭିନ୍ନ ସାମାଜିକ ବିଷୟ ଉପରେ ଜନଜାଗରଣ ସୃଷ୍ଟି କରିବାର ଏକ ସେତୁ ଅଟେ ।
- ଏହା ବନ୍ଧୁତ୍ୱ ଏବଂ ପ୍ରେମ ସଂପର୍କକୁ ବାନ୍ଧି ରଖିବାର ଏକ ବିଶିଷ୍ଟ ଅଙ୍ଗ ଅଟେ ।

## ୨୫.୫ ପାଠ୍ୟ ଅନ୍ତର୍ଗତ ଅଭ୍ୟାସ

୧. ଉଦାହରଣ ମାଧ୍ୟମରେ ପାରମ୍ପରିକ ମାଧ୍ୟମର ବିଭିନ୍ନ ରୂପ ସଂପର୍କରେ ବ୍ୟାଖ୍ୟା କରନ୍ତୁ ।

୨. ପାରମ୍ପରିକ ମାଧ୍ୟମ ଏବଂ ଦୂରଦର୍ଶନ ମଧ୍ୟରେ କଣ ବିଭିନ୍ନତା ଅଛି ବ୍ୟାଖ୍ୟା କରନ୍ତୁ ।

୩. ସଂଚାର କ୍ଷେତ୍ରରେ ପାରମ୍ପରିକ ମାଧ୍ୟମର ବ୍ୟବହାର ସଂପର୍କରେ ବର୍ଣ୍ଣନା କରନ୍ତୁ ।

## ୨୫.୬ ପାଠ୍ୟଗତ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

୨୫.୧ 1. ବିନା ବୈଦ୍ୟୁତିକ ମାଧ୍ୟମ ଯାହାକି ଆମ ସଂସ୍କୃତିର ଏକ ଭାଗ ଭାବରେ କରିଥାଏ ଏବଂ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପରମ୍ପରାର ହସ୍ତାନ୍ତରିକରଣର ସାଧନ ଅଟେ ଯାହାକୁ ପାରମ୍ପରିକ ମାଧ୍ୟମ କୁହାଯାଏ ।

2. (କ) ଗଳ୍ପ କଥନ (ଖ) ରଂଗୋଲୀ (ଗ) କାଠ କଣ୍ଢେଇ (ଘ) ଅନ୍ୟାନ୍ୟ

୨୫.୨ 1. i) ଖ ii) ଗ iii ) ଖ

2. i) ନଗାଡ଼ା ଘୋଷଣା ପାଇଁ ବ୍ୟବହାର ହୋଇଥାଏ ।

ii) ପଟ୍ଟଚିତ୍ର କଥା iii) ନୈଟଙ୍କୀ iv) ଅନ୍ୟାନ୍ୟ

୨୫.୩1. i) ଖ ii) ଗ iii ) ଖ iv ) ଘ



ଟୀପ୍ପଣୀ

# ୨୬

# ପରମ୍ପରାଗତ ମାଧ୍ୟମର ପ୍ରକାର ଭେଦ

ପରମ୍ପରାଗତ ମାଧ୍ୟମ ସୂଚନାର ଏକ ଅତ୍ୟନ୍ତ ଉପଯୋଗୀ ରୂପ ଅଟେ । ଏହା ଆପଣମାନେ ଶିକ୍ଷା ଲାଭ କଲେ । ଯେପରି ଆମେ ଦେଖିଲେ ପାରମ୍ପରିକ ମାଧ୍ୟମ ବିଭିନ୍ନ ପ୍ରକାରର ଅଟେ ଏବଂ ଭାରତର ବିଭିନ୍ନ ଭାଗରେ ଏହା ବ୍ୟବହୃତ ହୁଏ । ଏହାର ସ୍ୱରୂପ ତଥା ବିଷୟବସ୍ତୁ ବସ୍ତୁତଃ ବଦଳି ଯାଇଥିଲେ ମଧ୍ୟ ଏହାର ରୂପ ଏବେବି ପ୍ରଚଳିତ ଅଛି । ଏହାକୁ ଆଧୁନିକ ସମୟୋପଯୋଗୀ ଆବଶ୍ୟକତା ଅନୁସାରେ ବିକାଶିତ କରାଯାଇଅଛି । ଏହାର ଏପରି ଅନେକ ରୂପ ଅଛି ଯାହାକି ଆମର ଦୈନନ୍ଦିନ ଦିନଚର୍ଯ୍ୟାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି ।

ଆପଣମାନେ ଏହି ଅଧ୍ୟାୟରେ ପାରମ୍ପରିକ ମାଧ୍ୟମର ବିଭିନ୍ନ ପ୍ରକାର ବା ରୂପ ଏହା ସଂଗଠନ ତଥା ଭାରତୀୟ ସମାଜରେ ଏହାର ଉପଯୋଗିତା ସଂପର୍କରେ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିବେ ।

**ଉଦ୍ଦେଶ୍ୟ :**

ଏହି ଅଧ୍ୟାୟକୁ ଅଧ୍ୟୟନ କରିବା ପରେ ଆପଣ ନିମ୍ନଲିଖିତ କାର୍ଯ୍ୟକୁ କରିବାରେ ସକ୍ଷମ ହୋଇପାରିବେ ।


- ପାରମ୍ପରିକ ମାଧ୍ୟମର ବିଭିନ୍ନ ରୂପକୁ ସୂଚିତ କରିପାରିବେ ।
- ପାରମ୍ପରିକ ମାଧ୍ୟମର ବିଭିନ୍ନ ସ୍ୱରୂପ ତଥା ଗଠନକୁ ବ୍ୟାଖ୍ୟା କରିପାରିବେ ।
- ସମାଜରେ ଏସବୁ ମାଧ୍ୟମର ଉପଯୋଗିତାକୁ ବର୍ଣ୍ଣନା କରିପାରିବେ ।

## ୨୬.୧ ପାରମ୍ପରିକ ମାଧ୍ୟମର ବିଭିନ୍ନ ପ୍ରକାର

ପୂର୍ବ ଅଧ୍ୟାୟରେ ପଠନ କରିଥିବା ପାରମ୍ପରିକ ମାଧ୍ୟମର ବିଭିନ୍ନ ପ୍ରକାର ଭେଦ ଆପଣଙ୍କର ମନେ ଅଛି ତ ? ଆସନ୍ତୁ ଏହାକୁ ସୂଚୀବଦ୍ଧ କରିବା

- ନାଟକ
- ପଥପ୍ରାନ୍ତ ନାଟକ
- କାଠ କଣ୍ଢେଇ
- ନୃତ୍ୟ
- ଗଳ୍ପ କଥନ
- ସଂଗୀତ
- ଗୀତ
- ଚିତ୍ରକଳା
- ପ୍ରଧାନ ବିଚାର ତଥା ପ୍ରତୀକ

ଚାଲନ୍ତୁ ଆମେ ଏ ସମସ୍ତର ଗୋଟେ ଗୋଟେ ଆଲୋଚନା କରିବା ।





## ୨୬.୨ ନାଟକ

'ନାଟକ' ଶବ୍ଦ ବିଷୟରେ ଆପଣଙ୍କ ମଧ୍ୟରୁ ଅଧିକାଂଶ ନିଶ୍ଚୟ ଜାଣିଥିବେ । ଆପଣଙ୍କ କ'ଣ ଆପଣଙ୍କ ଆଖପାଖରେ କିମ୍ବା କୌଣସି ପ୍ରେକ୍ଷାଳୟରେ ମଞ୍ଚସ୍ଥ କୌଣସି ନାଟକ ଦେଖିଛନ୍ତି ?

ନାଟକ ପାରମ୍ପରିକ ମାଧ୍ୟମର ସବୁଠାରୁ ଲୋକପ୍ରିୟ ମାଧ୍ୟମ ଅଟେ । ଆସନ୍ତୁ ଏ ସଂପର୍କରେ ଗ୍ରାମୀଣ କ୍ଷେତ୍ରରେ ଏକ ଉଦାହରଣ ନେଇ ବୁଝିବା । ଜମିବାଡ଼ି କ୍ଷେତରେ କାମ କରିସାରିବା ପରେ କୃଷକ ତାର ବଳକା ସମୟରେ ପୁରା ଆନନ୍ଦ ଉଠାଇ ଥାଏ । ଏଥିପାଇଁ ସେ କଳାର ବିଭିନ୍ନ ମାଧ୍ୟମକୁ ନିଜ ଉପଯୋଗରେ ଲଗାଇଥାଏ । ଶୃଙ୍ଗାର ପାଇଁ ସେ ପ୍ରାକୃତିକ ରଂଗର ବ୍ୟବହାର କରିଥାଏ । ଯାହା ପ୍ରଦର୍ଶନ କରେ ତାହା ତାର ଦୈନନ୍ଦିନ ସୁଖ, ଦୁଃଖ, ଜୀବନ, ଭବିଷ୍ୟତ, ତାର ସ୍ୱପ୍ନ, ପୌରାଣିକ ବିଷୟବସ୍ତୁର ଆଧାର ଉପରେ ପର୍ଯ୍ୟବେସିତ ହୋଇଥାଏ । ଏଥିରେ ଦର୍ଶକମାନେ ନିଜକୁ ଭଲ ଲାଗିଲେ ଭାଗ ମଧ୍ୟ ନେଇଥାନ୍ତି ।

ଏବେ ଆମେ ବିଭିନ୍ନ ରାଜ୍ୟର ନାଟକର ବିଭିନ୍ନ ରୂପ ସଂପର୍କରେ ଅଧ୍ୟୟନ କରିବା ।

**ତମାସା :** ଯଦି ଆପଣଙ୍କୁ ମହାରାଷ୍ଟ୍ରର ତମାଶା ଦେଖିବାର ସୁଯୋଗ ମିଳେ ତେବେ ଏଥିରୁ ଆପଣ ସେମାନଙ୍କର ପ୍ରାଚୀନ ଶାସକ, ମରାଠା ନେତୃତ୍ୱ, ସେମାନଙ୍କର ପରାକାଷ୍ଠା ତଥା ସଂଗୀତ ସମ୍ପର୍କରେ ଜାଣିବାକୁ ପାଇବେ ।

ତମାଶାର ଦାର୍ଶନିକ ତଥା ସୌନ୍ଦର୍ଯ୍ୟଶାସ୍ତ୍ରର ପକ୍ଷରେ ତିନୋଟି ମୂଳତତ୍ତ୍ୱ ଯୋଡ଼ି ହୋଇରହିଛି । (୧) ମନୋରଂଜନ ପରମ୍ପରା (୨) ଅଧିକ ଗମ୍ଭୀର ପ୍ରଚାରର ପରମ୍ପରା ଶେଷରେ (୩) ଧାର୍ମିକ ପରମ୍ପରା । କେବେ ଆପଣ ତମାଶାର ପ୍ରଦର୍ଶନ ଦେଖିଛନ୍ତି କି ?

***ନୌଟଙ୍କି :*** 'ନୌଟଙ୍କି' ଉତ୍ତର ଭାରତର ନାଟ୍ୟରୂପ ଅଟେ ଯାହାକି ଦର୍ଶକମାନଙ୍କୁ ଗ୍ରାମ୍ୟ ତଥା ଦେଶର କଥାବସ୍ତୁକୁ କଥାର ମାଧ୍ୟମର ମନୋରଂଜନ ପ୍ରଦାନ କରିଥାଏ । ପୂର୍ବ ଆଧୁନିକ ଭାରତର କୃଷକ ସମାଜରୁ ଏହି ନାଟ୍ୟରୂପର ଆର୍ବିଭାବ ହୋଇ ଜୀବନ୍ତ ନୃତ୍ୟ, ବାଦ୍ୟର ତାଳେ ତାଳେ ତଥା ଉଚ୍ଚସ୍ୱରର ଗୀତରୁ ଏହା ଶୁଭାଯାଏ । ଅନ୍ୟ ଭାରତୀୟ ନାଟ୍ୟରୂପର ଶୈଳୀ ହିସାବରେ ଏହା ଭାରତୀୟ ଧାର୍ମିକ ମହାକାବ୍ୟ "ରାମାୟଣ" ତଥା "ମହାଭାରତ" ବିଷୟ ଉପରେ ନିର୍ଭରଶୀଳ ନ ଥାଏ ।

***ଖୟାଲ :*** ଖୟାଲ ମୁଖ୍ୟତଃ ରାଜସ୍ଥାନରେ ପ୍ରଦର୍ଶିତ ହୋଇଥାଏ । ଏହା ଗୀତ ନାଟକ ଏବଂ ନୃତ୍ୟର ମିଳିତ ରୂପ ଅଟେ । ଲୋକନାଟ୍ୟର ଏହି ରୂପରେ ସଂଗୀତ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଅଟେ । ଏହା କେବଳ ମନୋରଞ୍ଜନ ପାଇଁ ପ୍ରଦର୍ଶିତ ହୋଇଥାଏ, ଏହା ନୁହେଁ ତାହା ସଂଗେ ସଂଗେ କଳାକାରଙ୍କ ମଧ୍ୟରେ ସଂଚାର କ୍ଷେତ୍ରକୁ ବ୍ୟାପକ କରିବା କ୍ଷେତ୍ରରେ ଏହା ଉପଯୋଗୀ ହୋଇଥାଏ । ଏଥିରେ ଚରିତ୍ର ଏବଂ ସମୂହ ଦ୍ୱାରା ସଙ୍ଗୀତର ମହତ୍ତ୍ୱପୂର୍ଣ୍ଣ ବିଭିନ୍ନ ଦେଖିବାକୁ ମିଳେ । ନାଟକ ପରିବେଷଣର ଏକ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ପାଇଁ ବାଦ୍ୟଯନ୍ତ୍ରର ମଧ୍ୟ ଏଥିରେ ବ୍ୟବହାର ହୋଇଥାଏ ।

### ୨୬.୩ ପଥପ୍ରାନ୍ତ ନାଟକ

ପଥପ୍ରାନ୍ତ ନାଟକ ପ୍ରଦର୍ଶନର ଏହି ରୂପ ଭାରତରେ ସାଧାରଣତଃ ପାରମ୍ପରିକ ନାଟ୍ୟରୂପରୁ ହିଁ ଆସିଅଛି । ଏହା ଯେକୌଣସି ପ୍ରଥପ୍ରାନ୍ତ, ଗଳିକନ୍ଦି ତଥା ବଜାରରେ ପ୍ରଦର୍ଶନ କରାଯାଏ । ଏହି ସ୍ଥିତିରେ ଦର୍ଶକ ଏବଂ ଅଭିନେତା ଗୋଟିଏ ସ୍ତରରେ ଥାଆନ୍ତି ତଥା ଏହି ପରିସ୍ଥିତିରୁ ସ୍ପଷ୍ଟ ବାରିପଡ଼େ ଯେ ଅଭିନେତା ତଥା ଦର୍ଶକ ଅଲଗା ନୁହଁନ୍ତି । ଏଥିରୁ ଦର୍ଶକ ଏବଂ ଅଭିନେତାଙ୍କ ମଧ୍ୟରେ ଏକ ଉତ୍ତମ ସଂପର୍କ ସ୍ଥାପିତ ହେବାରେ ଅନେକ କିଛି ସାହାଯ୍ୟ ମିଳିଥାଏ । ପଥପ୍ରାନ୍ତ ନାଟକରେ ଦର୍ଶକମାନଙ୍କ ସହିତ ସିଧା ଦୃଷ୍ଟିର ସମ୍ପର୍କ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଟେ । ଯେଉଁଥିରେ ଦର୍ଶକ ନାଟକର ସଂଗୀତ ସହିତ ବାନ୍ଧିହୋଇ ରହିଥାଆନ୍ତି ।

ଟୀପ୍ପଣୀ



ଚିତ୍ର ୨୬.୧ ପଥପ୍ରାନ୍ତ ନାଟକ

ଏପରିକି ଚାରିପାର୍ଶ୍ୱର ଦର୍ଶକଙ୍କ ଘେରାବନ୍ଦୀରେ ଅଭିନେତା ଗରୁଡ଼ ସଦୃଶ୍ୟ ଦୃଷ୍ଟିରେ ରହିଥାଆନ୍ତି । ଏହିପରି ଭାବରେ ମିଳିତ ରୂପରେ ଏହା ଏକରୁ ଅନ୍ୟକୁ ବାନ୍ଧି ରଖିବା ତଥା ଉତ୍ତର ଦାୟିତ୍ୱର ଭାବ ପ୍ରଦର୍ଶନ କରିଥାଏ । ସମୟ ସମୟରେ ଦର୍ଶକମାନଙ୍କ ଭିତରୁ ମଧ୍ୟ ସାମୂହିକ ଗୀତ ଗାନ କରିବା ପାଇଁ ଆମନ୍ତ୍ରିତ କରାଯାଇଥାଏ ।


ଏକ ନିର୍ଦ୍ଧିଷ୍ଟ ବିଷୟକୁ ତତ୍‌କାଳ ଏବଂ ସକ୍ରିୟ କାର୍ଯ୍ୟକାରୀ କରିବା ଏବଂ ଦର୍ଶକମାନଙ୍କୁ ଉତ୍ସାହିତ କରିବା ଏହି ପଥପ୍ରାନ୍ତ ନାଟକର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

ଭାରତରେ ରାସ୍ତାର ଦୁଇ ପାର୍ଶ୍ୱରେ, ଗଳିକନ୍ଦିରେ, ଗାଁର ବଜାରରେ, ଖୋଲାପଡ଼ିଆରେ, ମେଳାଉତ୍ସବ ସ୍ଥାନରେ ତଥା ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ଏହି ପଥପ୍ରାନ୍ତ ନାଟକର ଆଦର୍ଶ ସ୍ଥାନ ଅଟେ ।

ଭାରତରେ ବହୁ ବଡ଼ ସଂଖ୍ୟାରେ ଏହି ପଥପ୍ରାନ୍ତ ନାଟକ ସାମାଜିକ ତଥା ରାଜନୈତିକ ଭିତ୍ତିଭୂମି ଉପରେ ଆଧାରିତ ହୋଇଥାଏ । ଏଥିରୁ କିଛି ବର୍ତ୍ତମାନ ଘଟଣା ଉପରେ ଆଧାରିତ ହୋଇଥାଏ ତଥା ଅନ୍ୟ କିଛି ସାଂପ୍ରଦାୟିକ, ଆତଙ୍କବାଦ, ପୋଲିସ୍ ଅତ୍ୟାଚାର, ଯୌତୁକ ହତ୍ୟା, ଯୌତୁକ ପ୍ରଥା, ଜାତୀୟ ଅସମାନତା, ନିର୍ବାଚନ, ଶିଳ୍ପ ତଥା କୃଷିଶୋଷଣ, ମଦ୍ୟପାନ, ନିରକ୍ଷରତା, ମଦୁଆ ତଥା ଭ୍ରୁଣହତ୍ୟା ଉପରେ ଆଧାରିତ ହୋଇଥାଏ ।

ଭାରତରେ ଯେଉଁଠାରେ ନିରକ୍ଷରତାର ଭାଗ ବହୁ ଉପରେ ଥାଏ । ଦାରିଦ୍ର୍ୟ, ଭାଷା ତଥା କଥାବାର୍ତ୍ତାର ବିବିଧତା ଥାଏ, ଏହି ପ୍ରକାରର ବହୁମୁଖୀ କାର୍ଯ୍ୟଧାରା ଶସ୍ତା ଏବଂ ଗତିଶୀଳ ନାଟ୍ୟରୂପରେ ଅତି ପ୍ରାସଙ୍ଗିକ ତଥା ମହତ୍ତ୍ୱପୂର୍ଣ୍ଣ ହୋଇଯାଏ । ଆପଣଙ୍କୁ ଜଣାଅଛି କି ପଥପ୍ରାନ୍ତ ନାଟକକୁ କାହିଁକି ଗତିଶୀଳ ମାଧ୍ୟମ କୁହାଯାଏ ?

ପଥପ୍ରାନ୍ତ ନାଟକର ଗତିଶୀଳ ରୂପ ଏହାକୁ ସେହି ଲୋକଙ୍କ ପାଖରେ ପହଞ୍ଚାଏ, ଯେଉଁମାନେ କି ପ୍ରେକ୍ଷାଳୟକୁ ଯାଇପାରନ୍ତି ନାହିଁ । ଏହା ସେହିଭଳି ଦର୍ଶକମାନଙ୍କର ଅନୁରୂପ ହୋଇଥାଏ, ଯେଉଁମାନେ କି ପ୍ରେକ୍ଷାଳୟ ଯାଇ ନାଟକ ଦେଖିବା ଏକ ପ୍ରକାର ବିଳାସବେସନ ବା ସୌଖୀନ ହୋଇଥାଏ କେବଳ ଯେହେତୁ ସେମାନେ ଦାରିଦ୍ରର ଅନ୍ତର୍ଭୁକ୍ତ ହୋଇଥାନ୍ତି ଗୋଟିଏ ନିର୍ଦ୍ଧିଷ୍ଟ ମଞ୍ଚ, ସାଜସଜ୍ଜା, ଆଲୋକ



ଟୀପ୍ପଣୀ

ବ୍ୟବସ୍ଥା, ବେଶଭୂଷା ଏବଂ ପୋଷାକ ପରିଚ୍ଛେଦର ଅଭାବ ଏହାକୁ ଆହୁରି ରୁଚିପୂର୍ଣ୍ଣ କରିଥାଏ । ସଫଦରହାସିମ୍ ଉତ୍ପଳ ଦତ୍ତ, ଶୀଲା ଭାଟିଆ, ହବିବ୍ ତନଭିର୍, ସମ୍ଭୁମିତ୍ରା, ବିଜନ ଭଟ୍ଟାଚାର୍ଯ୍ୟ ଆଦି ଅନେକ ଯିଏ କି ପଥପ୍ରାନ୍ତ ନାଟକର ଭାରତରେ ସର୍ବଶ୍ରେଷ୍ଠ କଳାକାର ଅଟନ୍ତି ।

ପଥପ୍ରାନ୍ତ ନାଟକର କଳାକାର ସମାଜରେ ଏକ ସକାରାତ୍ମକ ଘରୋଇ ବ୍ୟବହାରର ପ୍ରସାର ପାଇଁ ଯତ୍ନବାନ୍ ବା ପ୍ରୟାସରତ ଥାନ୍ତି । ଉଦାହରଣ ସ୍ୱରୂପ ପଞ୍ଜାବରେ ପଥାପ୍ରାନ୍ତ ନାଟକ ଜରିଆରେ ଗୁରୁଶରଣ ସିଂହ ବୋଧଜ୍ଞାନ, ଧୈର୍ଯ୍ୟ ତଥା ସହନଶୀଳତାର ବାର୍ତ୍ତା ପ୍ରସାରିତ କରୁଛନ୍ତି । ଏହା ଗଳିକନ୍ଦିରୁ ଯାଇ ନାଟକ ଉପଯୋଗୀ ଲୋକଙ୍କ  ମଧ୍ୟରେ ମୌଳିକ ତଥା ରାଜନୈତିକ ଅଧିକାରକୁ ଯାଗରୁକ୍ତ କରିବା ଲକ୍ଷ୍ୟରେ କରାଯାଉଛି ।

ଅଶୀ ଦର୍ଶକରେ ଯେତେବେଳେ ପଞ୍ଜାବ ଉଗ୍ରବାଦର ଅଗ୍ନିରେ ଉତ୍ତପ୍ତ ହୋଇ ଜଳୁଥିଲା, ଗୁରୁଶରଣ ସିଂ ପଞ୍ଜାବର ଗଳିକନ୍ଦିରେ ନିଜ କଳାତ୍ମକ, ପଥପ୍ରାନ୍ତ ନାଟକ "ବାବା ବୋଲ୍‌ଦା ହେ", "ସାଧାରଣ ଲୋକ ମେ ଉଗ୍ରବାଦୀ ନେହିଁ ହୁଁ"  ଆଦି ପ୍ରଦର୍ଶନ କରୁଥିଲେ ।

ବିଶ୍ୱର ଜଣେ ଖ୍ୟାତନାମା ପଥପ୍ରାନ୍ତ ନାଟ୍ୟକର୍ମୀ ସଂପାଦନା ହସମିଙ୍କ ପାଇଁ ଏହି ପଥପ୍ରାନ୍ତ କଳାରୂପ ମୁଖ୍ୟତଃ ରାଜନୈତିକ ବିରୋଧି ମଞ୍ଚ ଥିଲା । ଲୋକଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କୁ ଯେଉଁମାନେ ସାମାଜିକ ପରିବର୍ତ୍ତନ ପାଇଁ ସଂଘର୍ଷରତ ଥିଲେ ସେହି ଲୋକମାନଙ୍କୁ ଉତ୍ସାହିତ କରିବ ସଂଗେ ସଂଗେ ସଂଗଠନ ଦ୍ୱାରା ପରିଚାଳନା କରିବା ଏହାର କାର୍ଯ୍ୟ ଥିଲା । ନିଜର ନାଟ୍ୟ ସମୂହ "ଜନ ନାଟ୍ୟ ମଞ୍ଚ" ଦ୍ୱାରା ସେ "ମଶିନ", "ହତ୍ୟାରେ", "ଡିଟିସି କି ଧୋଦ୍‌ଲି", "ଔରତ" ଏବଂ "ଗାଁଓ ସେ ସହର ତକ"ର ପ୍ରଦର୍ଶନ କରିଥିଲେ ।

ଆପଣ ଏ ପର୍ଯ୍ୟନ୍ତ କେତୋଟି ପଥପ୍ରାନ୍ତ ନାଟକ ଦେଖିଛନ୍ତି ? ଏହାର ତୁଳନା ଦୂରଦର୍ଶନ କାର୍ଯ୍ୟକ୍ରମ ସହିତ କରାଯାଇପାରିବ କି ଯାହା ଆପଣ ଦେଖିଛନ୍ତି ? ଏହା ନିଶ୍ଚିତ ଯେ ଦୂରଦର୍ଶନ ବହୁତ ଲୋକପ୍ରିୟ ଏବଂ ଅନେକ ଘରେ ଉପଲବ୍ଧ ଅଟେ । କିନ୍ତୁ ଏହା ସଂଗେ ସଂଗେ ପଥପ୍ରାନ୍ତ ନାଟକ ଭଳି କଳାରୂପ ସମସ୍ତ ସ୍ତରରେ ଜନସମୂହ ମଧ୍ୟରେ ଏକ ପରିବର୍ତ୍ତନର ସନ୍ଦେଶ ଦେଖାଯାଉଛି ।

ଭାରତରେ ପଥପ୍ରାନ୍ତ ନାଟକ ସମୂହର ସଦସ୍ୟମାନଙ୍କ ମଧ୍ୟରେ ରାଜନୈତିକ କାରଣ ପ୍ରତି ବିତସ୍ପୃହ ଏକ ବଡ଼ ସ୍ପଷ୍ଟ ବାରିପଡ଼େ । ଯହି କୌଣସି ସାମାଜିକ ଏବଂ ରାଜନୈତିକ ବିଷୟ ଦୃଷ୍ଟିଗୋରରକୁ ଆସେ ତେବେ ଜନମ, ନିଶାନ୍ତ, ଚିତ୍ରା, ସତାବି, ଅମୃତସର, ସ୍କୁଲ ଡ୍ରାମା, ଚଣ୍ଡିଗଡ଼ ଜନସଂସ୍କୃତି ମଞ୍ଚ, ଇପଟା ପାଟନା, ଇପ୍‌ଟା ପଞ୍ଜାବ ଏବଂ ଲିଟିଲ ଥିଏଟର୍ ଗ୍ରୁପ୍ ଆଦି ସଂଗଠନ ସମ୍ମୁଖକୁ ଆସନ୍ତି । ଏମାନେ ସରକାରୀ ନିୟନ୍ତ୍ରିତ ଜନମାଧ୍ୟମରୁ ଅଲଗା ହୋଇ ନିଜର ଏକ ବିକଳ୍ପିତ ବ୍ୟାଖ୍ୟା ତଥା ଦୃଷ୍ଟିକୋଣ ପ୍ରସ୍ତୁତ କରିବା ପାଇଁ ଚେଷ୍ଟା କରନ୍ତି । ଉଦାହରଣ ସ୍ୱରୂପ ଭୋପାଳ ଗ୍ୟାସ ଦୁର୍ଘଟଣା ସମୟରେ ଯେତେବେଳେ ସରକାରୀ ସରବରାହ ମାଧ୍ୟମ କ୍ଷତିର ସଂଖ୍ୟାକୁ ବାଛିବା ପାଇଁ ଲାଗିପଡ଼ିଥିଲେ । ସେ ସମୟରେ ପଥପ୍ରାନ୍ତ ନାଟକ ସମୂହମାନେ ପିଡ଼ିତାମାନଙ୍କ ପାଇଁ ବହୁରାଷ୍ଟ୍ରୀୟ ନିଗମମାନଙ୍କର ଶୋଷଣ ତଥା ଏହି କଳାବାଦଲରୁ ମୁକ୍ତି ପାଇବା ପାଇଁ ଲୋକଙ୍କ ଧ୍ୟାନ ଆକର୍ଷଣ କରିଥିଲେ । ସୁତରାଂ ପଥପ୍ରାନ୍ତ ନାଟକ ଏକ ଶକ୍ତଶାଳୀ ଓ ସାଂସ୍କୃତିକ କ୍ଷମତାଶୀଳ ସଂଗଠନ ସେତେବେଳେ ହୋଇପାରିବ, ସେତେବେଳେ ଏହା ନିଜର ଭାବନାତ୍ମକ ଓ କଳ୍ପନାଶୀଳ କ୍ଷମତାକୁ ସକାରାତ୍ମକ ସହିତ ଯୋଡ଼ିବାର ପ୍ରୟାସ ଅବିରତ ଭାବରେ କରିପାରିବେ ।

## ପାଠ୍ୟଗତ ପ୍ରଶ୍ନ ୨୬.୧

1. ସଠିକ୍ ଉତ୍ତରକୁ ବାଛନ୍ତୁ ।

i) ତମାସା ପ୍ରଦର୍ଶିତ ହୁଏ :

(କ) ତାମିଲନାଡୁରେ
(ଖ) କେରଳରେ
(ଗ) ପଶ୍ଚିମ ବଙ୍ଗଳାରେ
(ଘ) ମହାରାଷ୍ଟ୍ରରେ





ii) ନୌଟଙ୍କି ଲୋକପ୍ରିୟ ଅଟେ :

(କ) ଦକ୍ଷିଣ ଭାରତ

(ଖ) ପଶ୍ଚିମ ଭାରତ

(ଗ) ପୂର୍ବ ଭାରତ

(ଘ) ଉତ୍ତର ଭାରତ

iii) ଖୟାଲ ରୂପ ଅଟେ ।

(କ) ନୃତ୍ୟର

(ଖ) ସଙ୍ଗୀତର

(ଗ) ପଥପ୍ରାନ୍ତ ନାଟକର

(ଘ) ଲୋକନାଟ୍ୟର

iv) ହବିବ୍ ତନବୀର ଜଣେ ଲୋକପ୍ରିୟ ନାମ ଅଟନ୍ତି ।

(କ) ତମାସା ପାଇଁ

(ଖ) ନଉଟାଙ୍କି ପାଇଁ

(ଗ) ଖୟାଲ ପାଇଁ

(ଘ) ପଥପ୍ରାନ୍ତ ନାଟକ ପାଇଁ

v) ପଥପ୍ରାନ୍ତ ନାଟକ ଏହି ନାମରେ ଜଣାଯାଇଥାଏ ।

(କ) ଖର୍ଚ୍ଚାନ୍ତ ମାଧ୍ୟମ

(ଖ) ଜଡ଼ିତ ମାଧ୍ୟମ

(ଗ) ଅପ୍ରାସଙ୍ଗିକ ମାଧ୍ୟମ

(ଘ) ଗତିଶୀଳ ମାଧ୍ୟମ

---

**କାଠ ପୁତୁଳି/ କାଠ କଣ୍ଢେଇ**


କଣ ଆପଣ କେବେ କାଠ କଣ୍ଢେଇ ଦେଖିଛନ୍ତି କିମ୍ବା ତା ସମ୍ପର୍କରେ ଚିନ୍ତା କରିଛନ୍ତି କି ?

ପୁତୁଲୀ ଶବ୍ଦକୁ ଇଂରାଜୀରେ ପପେଟ୍ Puppet କୁହାଯାଏ । ଯାହା ଫରାସୀ ଶବ୍ଦ ପପି ବା ଲାଟିନ୍‌ର ପ୍ୟୁପାରୁ ଉତ୍ପନ୍ନ ହୋଇଛି ଯାହାର ଅର୍ଥ କଣ୍ଢେଇ ଅଟେ । ହିନ୍ଦିର ପୁତଲୀ ଶବ୍ଦ ସଂସ୍କୃତର "ପୁତ୍ରକା", 'ପୁତ୍ରିକା' ବା 'ପୁଟଳିକା' ରୁ ଉତ୍ପନ୍ନ ହୋଇଛି ଯାହା ମୂଳ ଶବ୍ଦ 'ପୁଟ'ରୁ ଆସିଅଛି ଯାହା ପୁତ୍ରର ସମକକ୍ଷ ଅଟେ । ଏହା ପ୍ରାଚୀନ ଭାରତୀୟ ବିଚାରଧାରାର ପ୍ରତିନିଧିତ୍ୱ କରିଥାଏ । ଯେଉଁଥିରେ ଏହା ସ୍ୱୀକାର କରାଯାଇଥାଏ ଯେ, କଣ୍ଢେଇରେ ମଧ୍ୟ ଜୀବନ ସଂଚାର କରିଛି ।

କାଠ କଣ୍ଢେଇ ନାଟ୍ୟ ମନୋରଂଜନର ଏକ ରୂପ ଅଟେ । ଯାହା ବ୍ୟବହାରିକ ରୂପରେ ସାରା ବିଶ୍ୱରେ ପ୍ରତୀୟମାନ ହୋଇଥାଏ । କାଠ କଣ୍ଢେଇ ନାଟ୍ୟରେ କଣ୍ଢେଇ ବିଭିନ୍ନ ରୂପକୁ କଥା କହିବା ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ । ଏବେ ଆମେ ଏହା ବିଷୟରେ ଆହୁରି ମଧ୍ୟ ତଥ୍ୟ ପାଇପାରିବା ।

କାଠ କଣ୍ଢେଇ ମୁଖ୍ୟତଃ ଚାରିପ୍ରକାର ହୋଇଥାଏ ।

- ଦସ୍ତାନା କାଠ କଣ୍ଢେଇ
- କାଠ କଣ୍ଢେଇ
- ଦଣ୍ଡ କାଠ କଣ୍ଢେଇ ଏବଂ
- ଛାୟା କାଠ କଣ୍ଢେଇ



ଟୀପ୍ପଣୀ

**ଦସ୍ତାନା କାଠ କଣ୍ଢେଇ :**

ଦସ୍ତାନା କାଠ କଣ୍ଢେଇ ମୁଖ୍ୟତଃ ଓଡ଼ିଶା, କେରଳ ତଥା ତାମିଲନାନୁରେ ମିଳିଥାଏ । କାଠ କଣ୍ଢେଇ ପ୍ରଦର୍ଶକ ଏହାକୁ ନିଜ ହାତରେ ପିନ୍ଧିଥାନ୍ତି ଏବଂ ଆଙ୍ଗୁଠିର ସହାୟତାର ଏହାର ମୁଣ୍ଡ ତଥା ମୁଣ୍ଡ ତଥା ହାତକୁ ଖେଳାଇଥାନ୍ତି । କଥାର ରୂପରେ ପ୍ରଦର୍ଶକ ନିଜର କାହାଣୀ କହିଥାନ୍ତି ଏବଂ କାଠ କଣ୍ଢେଇ ତାର ଅଭିନୟକୁ ଉପସ୍ଥାପନ କରିଥାଏ । ସାମାନ୍ୟ ମାତ୍ର ପରିଶ୍ରମ ତଥା କାଳ୍ପନିକ ଭାବନ୍ତରକୁ ଲଗାଇ ଆପଣ ନିଜେ ମଧ୍ୟ ଏହି କାଠ କଣ୍ଢେଇ ତିଆରି କରିପାରିବେ ।




**ଚିତ୍ର ୨୬.୨ ଦସ୍ତାନା କାଠକଣ୍ଢେଇ**

ଦସ୍ତାନା କାଠ କଣ୍ଢେଇକୁ ଦସ୍ତକାଠ ପୁତୁଳି, ହତେଲି କାଠ ପୁତୁଳି, ହସ୍ତୟା ହତେଲି କାଠ କଣ୍ଢେଇ ମଧ୍ୟ କୁହାଯାଏ । ଓଡ଼ିଶାରେ ଦସ୍ତାନା କାଠ କଣ୍ଢେଇକୁ କଣ୍ଢେଇ ନାଚ କୁହାଯାଏ । କେରଳରେ ଏହି ହସ୍ତନା କାଠ କଣ୍ଢେଇ ଅଧିକ ମାତ୍ରାରେ ସାଜସଜ୍ଜା, ଅଳଙ୍କାର ଯୁକ୍ତ, ରଂଗବେରଂଗରେ ସଜ୍ଜିତ ହୋଇ କଥକଲି କଳାକାରଙ୍କୁ ଅନୁକରଣ କରିଥାଏ । ଏମାନଙ୍କ ପ୍ରଦର୍ଶନ ପାୱାକୁ ଥୁ ବା ପାୱା କଥକଲିର ନାମରେ ଜଣାଯାଇଥାଏ । ଏହାର କାହାଣୀ ମୁଖ୍ୟତଃ ରାଧାକୃଷ୍ଣ ତଥା ରାମାୟଣ ଉପରେ ଆଧାରିତ ହୋଇଥାଏ ।

**ଡୋର କାଠ କଣ୍ଢେଇ :**

ଡୋର କାଠ କଣ୍ଢେଇ ( ବା ସୂତାରେ ଚଳ ପ୍ରଚଳ ହେଉଥିବା କାଠ କଣ୍ଢେଇ ) ଅନେକ ସୂତାର ଗଣ୍ଠି ଦ୍ୱାରା ବନ୍ଧା ଯାଇଥିବା ରୂପର ଡୋର ବା ସୂତାରେ ନିୟନ୍ତ୍ରିତ ହୋଇଥାଏ ।



ଟୀପ୍ପଣୀ



**ଚିତ୍ର ୨୬.୩ ଡୋର କାଠ କଣ୍ଢେଇ**

ଡ଼ୋର କାଠ କଣ୍ଢେଇ ରାଜସ୍ଥାନ, ଓଡ଼ିଶା, ତାମିଲନାଡୁ, ଓଡ଼ିଶା ତଥା କର୍ଣ୍ଣାଟକରେ ପ୍ରଚଳିତ ଅଟେ । ଏଥିରେ କାଠ କଣ୍ଢେଇର ଦକ୍ଷତାପୂର୍ଣ୍ଣ କୌଶଳର ନିର୍ଣ୍ଣାୟକ ଭୂମିକା ରହିଥାଏ । ଆପଣମାନେ କଣ କାଠ କଣ୍ଢେଇ ଦେଖିଛନ୍ତି କି ?


ଉଦାହରଣ :

- ରାଜସ୍ଥାନର କାଠ କଣ୍ଢେଇ ପ୍ରଦର୍ଶନ
- ଓଡ଼ିଶାର ସଖି କଣ୍ଢେଇ
- ଆସାମର ପୁତୁଲା ନାଚ
- ମହାରାଷ୍ଟ୍ରର ମାଲାସୁତରୀ ଭୋଲ୍ୟା
- ତାମିଲନାଡୁର ବୋମଲଟମ୍
- କର୍ଣ୍ଣାଟକର ଗୋମ୍ବେଓ୍ୱାଟା

**ଦଣ୍ଡ କାଠ କଣ୍ଢେଇ**

ଦଣ୍ଡ କାଠ କଣ୍ଢେଇ ଟିକିଏ ଅଧିକ ବଡ଼ ଅଟେ ଯାହା ଦସ୍ତାନା କାଠ କଣ୍ଢେଇର ଏକ ସଂପ୍ରସାରିତ ରୂପ ଅଟେ ।

ଦଣ୍ଡ କାଠ କଣ୍ଢେଇ ବାଉଁଶର ଶକ୍ତ ବାଡ଼ି ଉପରେ ସ୍ଥିର ଥାଏ କାଠ କଣ୍ଢେଇ ପ୍ରଦର୍ଶକର ହାତରେ ବନ୍ଧା ଯାଇଥାଏ । ଏହା ତିନିକୋଣିଆ ଗତିଶୀଳ କାଠ କଣ୍ଢେଇ ଅଟେ ଯାହା ବାଡ଼ି ବା ବାଉଁଶର ସହାୟତାରେ ପରିଚାଳିତ ହୋଇଥାଏ ।



**ଚିତ୍ର ୨୬.୪ଦଣ୍ଡ କାଠ କଣ୍ଢେଇ**

ବଙ୍ଗଳାର ପାରମ୍ପରିକ ଦଣ୍ଡ କାଠ କଣ୍ଢେଇକୁ ପୁତୁଲା ନାଚ କୁହାଯାଏ ।

କିଛି ଅନ୍ୟାନ୍ୟ ଉଦାହରଣ ନିମ୍ନଲିଖିତ ମତେ ଅଟେ ।

- ବିହାରର ଯମପୁରୀ
- ଓଡ଼ିଶାର କାଠି କଣ୍ଢେଇ


**ଛାୟା କାଠ କଣ୍ଢେଇ**

ଏହି ପ୍ରକାରରେ କଳାଧଳା ତଥା ରଂଗୀନ ରୂପରେ ଏହି କାଠ କଣ୍ଢେଇର ଛାୟା ବ୍ୟବହାର ହୋଇଥାଏ । ବିଶେଷକରି ଚମଡ଼ାରେ ପ୍ରସ୍ତୁତ, ସମାନ୍ତରାଳ ଛବି ଏକଦମ ହାଲକା ଭାବରେ ଏକ ପରଦା ଉପରେ ପଛରୁ ଆଲୋକର ବିସ୍ତାର ସହିତ ପ୍ରସ୍ତୁତ କରାଯାଏ । ଏହି ପ୍ରକାର କଣ୍ଢେଇ ତଥା ଦର୍ଶକଙ୍କ ମଧ୍ୟରେ ପରଦ ଏକ ବାଧା ସୃଷ୍ଟି କରେ ଯାହାକି ଦୃଶ୍ୟର ପ୍ରସ୍ତୁତିକରଣକୁ ବିକଶିତ କରାଇଥାଏ । ଅନ୍ଧାରରେ ବସି ଦର୍ଶକମାନେ ଏହାର ନାଟକୀୟ ପ୍ରଭାବରେ ମଜା ନେଇଥାନ୍ତି । ଭାରତରେ ଏହି ପରଦା ଏକ ସାମାନ୍ୟ ସିଟ୍ ଅଟେ ଯାହାକି ବ୍ୟବସ୍ଥିତ ଭାବରେ ଭଙ୍ଗାଭଙ୍ଗି କରି ରଖାଯାଇପାରେ ।

ଛାୟା କାଠ କଣ୍ଢେଇ ମୁଖ୍ୟତଃ ଆନ୍ଧ୍ରପ୍ରଦେଶ, କେରଳ, କର୍ଣ୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ଓଡ଼ିଶାରେ ଦେଖାଦିଏ ।

ଅନ୍ୟାନ୍ୟ ଉଦାହରଣ ମଧ୍ୟରେ :

- କର୍ଣ୍ଣାଟକର ତୋଗୁଲୁ ଗୋମ୍ବେଓ୍ୱାଟ
- ଆନ୍ଧ୍ରପ୍ରଦେଶର ଘୋଲୁ ବୋମାଲଟା



ଟୀପ୍ପଣୀ

## ୨୬.୪ ସଂଗୀତ ଏବଂ ନୃତ୍ୟ

ଆପଣମାନେ ସମସ୍ତେ ସଂଗୀତର କିଛି ନା କିଛି ରୂପକୁ ନିଶ୍ଚୟ ଶୁଣିଥିବେ ଅଥବା ମଞ୍ଚ କିମ୍ବା ଦୂରଦର୍ଶନରେ ଏହାର ପ୍ରସାରଣ ନିଶ୍ଚୟ ଦେଖିଥିବେ । ଭାରତର ସଂଗୀତ ତଥା ନୃତ୍ୟ ଶାସ୍ତ୍ରୀୟକଳାର ଏକ ପ୍ରାଚୀନତମ ରୂପ ଅଟେ, ଯାହାର କେଉଁ ଆବାହମାନ କାଳରୁ ପରମ୍ପରା ରହିଆସିଛି । ଏହି ପରମ୍ପରା ସିଦ୍ଧାନ୍ତ ରୂପରେ ସମାନ ଅଟେ । ଏହାର ନାମ ଅଲଗା ଅଟେ ଏବଂ ଏହା ଭିନ୍ନ ଭିନ୍ନ ଶୈଳୀରେ ପରିବେଶିତ ହୋଇଥାଏ ।

ଏହା ନୃତ୍ୟ ନାଟକରେ ଲୟ ତଥା ଗତି ପ୍ରଦାନ କରିଥାଏ ଏବଂ ଦର୍ଶକମାନଙ୍କୁ ଏଥିପ୍ରତି ଅଧିକ ଆକର୍ଷିତ କରିଥାଏ ।

ଆମର ସମ୍ଭବତଃ ସାରା ବିଶ୍ୱରେ ଗୋଟିଏ ଦେଶ ଅଟେ ଯେଉଁଠାରେ ସଂଗୀତ କଳା ଅନ୍ୟ କୌଣସି ରୂପଠାରୁ ବର୍ଦ୍ଧିତ ଭାବରେ ଲୋକଙ୍କର ଜୀବନ ଶୈଳୀରେ ପ୍ରଭାବ ପକାଇଥାଏ । ଏହା କହିଲେ ଅତ୍ୟୁକ୍ତି ହେବନାହିଁ ଯେ ସଂଗୀତ ଭାରତରେ ଦୈନନ୍ଦିନ ଜୀବନରେ ଏକ ନିର୍ଣ୍ଣେୟାତ୍ମକ ଭୂମିକା ଗ୍ରହଣ କରେ । ଏହି ସଂଗୀତ ସର୍ବଦା ବିବାହ, ଉତ୍ସବ, ଯାନିଯାତ ତଥା ପ୍ରତ୍ୟେକ ଛବି ତଥା ଚରିତ୍ରଙ୍କର ଉତ୍ସବରେ ଯୋଡ଼ି ହୋଇଥାଏ । କୌଣସି ଧର୍ମାନୁଷ୍ଠାନ ଏହି ସଂଗୀତ ଆସର ବିନା ପୂର୍ଣ୍ଣତା ପ୍ରାପ୍ତି ହୋଇପାରି ନ ଥାଏ ।

ଆମର ଏଠାରେ ପ୍ରକୃତିରେ ଥିବା ବିଭିନ୍ନ ଋତୁମାନଙ୍କର ଲୟର ଉତ୍ସବ ପାଳନ ପାଇଁ ଗୀତ, କୃଷକ ତଥା ନାବିକଙ୍କର ଗୀତ, ମେଷପାଳକ ତଥା ଓଟପାଳକଙ୍କର ସଂଗୀତ ରହିଅଛି । ଏପରିକି ଗ୍ରାମ ତଥା ଜଙ୍ଗଲର ମଧ୍ୟ ସଂଗୀତ ରହିଅଛି । ଏହି ସଂଗୀତ ହିଁ ଭାରତର ଜନତାଙ୍କର ଗତିବିଧି ତଥା ଭାଇଚାରାର ବୀଜବପନ କରି ସେମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥାଏ ।


ଭାରତର ସାଂଗୀତିକ ସଂସ୍କୃତିର ସ୍ରୋତ ଲୋକ ପରମ୍ପରାରେ ଉଜ୍ଜୀବିତ ରହିଅଛି ।

ଭାରତର ପାରମ୍ପରିକ ସଂଗୀତ ଲୋକଙ୍କର ଭାବନାର ସର୍ବାଧିକ ଏବଂ ସ୍ୱାଭାବିକ ପ୍ରତିନିଧିତ୍ୱ କରିଥାଏ । ସଂଗୀତ ଜୀବନର ପ୍ରତ୍ୟେକ ସୋପାନରେ ଜଡ଼ିତ ରହିଥାଏ । ଏହା ଉତ୍ସବ ପର୍ବପର୍ବାଣୀ ହେଉ, ନୂତନ ମୌସୁମୀର ଆଗମନ ହେଉ, ବିବାହ ହେଉ ଅଥବା ଜନ୍ମଦିନ ଏପରିକି ସାଧାରଣ ଦୈନନ୍ଦିନ ଜୀବନର କାର୍ଯ୍ୟକଳାପ ହେଉ ଯେପରିକି ପ୍ରେମିକାକୁ ଆକର୍ଷିତ କରିବାର କଳା ତଥା ପ୍ରକୃତିକୁ ପ୍ରଶଂସା କରିବା ହେଉ । କଣ ଆପଣ ଏପରି ସଂଗୀତକୁ ମନେ ରଖିଛନ୍ତି ଯାହା ଆପଣ ଶୁଣିଛନ୍ତି ?

ଏହାକୁ ଆମେ କିଛି ଉଦାହରଣ ଦ୍ୱାରା ଜାଣିପାରିବା ।

**ଉଦାହରଣ :**

- ମରାଠୀ ଭଜନ ଯାହାକି ପାରମ୍ପରିକ ରାଗ ଉପରେ ଆଧାରିତ ।
- ମାଣ୍ଡ ଯାହାକି ଏକ ରାଜସ୍ଥାନୀ ଲୋକ ସ୍ୱର ଅଟେ ।
- ଗଜଲ ଏକ ଉର୍ଦ୍ଦୁ କାବ୍ୟ ରୂପ ଅଟେ ଯାହା ଗାୟନ କରାଯାଏ । ବାକ୍ୟପଟୁ 'ସାୟରୀ' (କବିତା) ଭଦ୍ର ମୌଶିକୀ (ସଂଗୀତ) ତଥା ମଧୁର 'ଜଜ୍‌ବାତ' (ଭାବନା) ଏକତ୍ରୀତ ହୋଇ ଗଜଲର ସୃଷ୍ଟି ହୋଇଥାଏ । ଗଜଲରେ ସଂଗୀତ ଅତ୍ୟନ୍ତ ଧୀର ପଦକ୍ଷେପ ଅଟେ ତଥା ଗାଇବାର ଶୈଳୀ ଦୁଇ ବା ତିନି ଥର ଦୋହରାଯାଇ ଥାଏ । ଗଜଲର ପ୍ରଥମ ଦୁଇ ପଂକ୍ତିକୁ 'ମିସରା' ତଥା 'ଅନ୍ତରା' କୁହାଯାଏ ।
- କବ୍ୱାଲି ଏକ ଉଚ୍ଚ ଆଳାପ ତଥା ତୀବ୍ରଗତିରେ ଗାୟନ ଶୈଳୀ ଅଟେ, ଯାହା ତିନି ଶତାବ୍ଦୀରେ ବିକଶିତ ହୋଇଥିଲା । ଏହି ସମୟରେ ଭାରତରେ ସୁଫିବାଦ ଲୋକପ୍ରିୟ ହୋଇଥିଲା ଏବଂ ସୁଫିସନ୍ଥଙ୍କର



ଟୀପ୍ପଣୀ

ରହସ୍ୟମୟ ବ୍ୟାଖ୍ୟାନରେ କବାଲୀ ବିକଶିତ ଲାଭ କରିଥିଲା । ଅଜମେର (ରାଜସ୍ଥାନ)ର ପ୍ରସିଦ୍ଧ ସୁଫିସନ୍ଥ ଗରିବନବାଜ ଖ୍ୱାଜା ମଇନୁଦ୍ଦିନ ଚିସ୍ତିଙ୍କର ପଥପ୍ରଦର୍ଶକମାନେ କବାଲୀ ରୂପରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତକୁ ସମୃଦ୍ଧି କରିଥିଲେ । ମୂଳରୂପରୁ ରହସ୍ୟମୟୀ ସଂଗୀତକୁ ବିକଶିତ ହେବାପରେ ଏଥିରେ ପ୍ରେମ ସମ୍ବନ୍ଧୀୟ ବିଷୟକୁ ସାମିଲ କରାଯାଇଥିଲା ।



**ପାଠଗତ ପ୍ରଶ୍ନ ୨୬.୨** ଚିତ୍ର ୨୬.୫ କଓ୍ୱାଲି

୧. ସ୍ତମ୍ଭ ଯୋଗ କରନ୍ତୁ :

| | |
|---|---|
| (i) ଦସ୍ତାନା କାଠ କଣ୍ଢେଇ | କ) ଉର୍ଦ୍ଧୁଗଜନ |
| (ii) ଦଣ୍ଡକାଠ କଣ୍ଢେଇ | ଖ) ଚମଡ଼ାରେ ପ୍ରସ୍ତୁତ କଣ୍ଢେଇ |
| (iii) ଗଜଲ | ଗ) ପାପା କୁଥ୍ୟୁ |
| (iv) ଡୋର କାଠ କଣ୍ଢେଇ | ଘ) ପୁତୁଳା ନାଚ |
| (v) ଛାୟା କାଠ କଣ୍ଢେଇ | ଙ) କାଠ କଣ୍ଢେଇ |

## ୨୬.୫ ପରମ୍ପରାଗତ ପ୍ରେରଣା ତଥା ପ୍ରତୀକ :

ପର୍ବପର୍ବାଣୀ ସମୟରେ ରଂଗର ଗୁଣ୍ଡରେ ଘର ବାହାରେ ପ୍ରସ୍ତୁତ କରାଯାଇଥିବା ରଙ୍ଗୋଲୀକୁ କେବେ ଆପଣ ଅନୁଧ୍ୟାନ କରିଛନ୍ତି କି ? ଏହା ଆଉ କିଛି ନୁହେଁ କେବଳ ଏକ ପ୍ରତୀକ ଅଟେ ଆମ ଦୈନନ୍ଦିନ ଜୀବନର । ଘର ବାହାରେ ତିଆରି କରାଯାଇଥିବା ଏହି ସୁନ୍ଦର ପ୍ରତିରୂପ ଏହା ବିଶ୍ୱାସ ସୃଷ୍ଟିକରେ ଜୀବନ ତତ୍ତ୍ୱର ଉତ୍‌ଥାନ, ଆସୁରି ଶକ୍ତିର ବିନାଶ ତଥା ସୁରକ୍ଷା ପ୍ରଦାନର ।

ଭାରତର ଲୋକମାନେ ଅନେକ ସରଳ ଏବଂ ଜଟିଳ ପ୍ରତୀକ ବା ଛବିକୁ ପୂଜା କରିଥାନ୍ତି । ଭାରତୀୟମାନେ ଏହି ପ୍ରତୀକକୁ ବିଶ୍ୱାସ କରିଥାନ୍ତି ଯାହାକି ବିଶ୍ୱ ବ୍ରହ୍ମାଣ୍ଡରେ ଅଦ୍ୱିତୀୟ ଅଟେ ତଥାପି ଏ ସମସ୍ତ ମଧ୍ୟରେ କିଛି ସମତା ଦେଖାଦେଇଥାଏ । ଭାରତରେ ଏହି ପ୍ରତୀକ ପୌରାଣିକ ଆଖ୍ୟାନ, ଧାର୍ମିକ ବିଶ୍ୱାସ, ପରମ୍ପରା ତଥା ଦର୍ଶନରୁ ଆସିଅଛି । ଭାରତ ଏକ ପ୍ରେରଣା ତଥା ପ୍ରତୀକର ଦେଶ ଅଟେ ଯେଉଁଠାରେ ପରମ୍ପରାଗତ କଳାରୂପ, ଆକାର ତଥା ଧାର୍ମିକ ରେଖାପାତ କାହିଁ କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଅଛି । ଏହି

ଟୀପ୍ପଣୀ

କଳାରୂପ ମଧ୍ୟରେ ପ୍ରତୀକ, ଚଟ୍ଟାଣ ପ୍ରତୀକ, ଲୋକଭିତ୍ତିକ ଚିତ୍ର, ପାରମ୍ପରିକ ବସ୍ତ୍ର ପ୍ରତିରୂପ, ପ୍ୟାକିଙ୍ଗ୍ ସାମଗ୍ରୀ ଚିତ୍ରକଳା ଇତ୍ୟାଦି ସାମିଲ ଅଟେ ।

ଏହାବି ଏକ ଆଶ୍ଚର୍ଯ୍ୟର କଥା ଯେ ଆମେ ଯେଉଁସବୁ ବହୁତ ଗୁଡ଼ିଏ ଆକାର ଆଜି ଦେଖୁଅଛୁ ଏହା ଆଦିମ ଅଧିବାସୀଙ୍କ ଗତିବିଧିରୁ ଆସିଅଛି ।

## ୨୬.୬ ଚିତ୍ରକଳା

ଆଦିମ ଅଧିବାସୀମାନେ ଶବ୍ଦ ସହିତ ଅପରିଚିତ ଥିଲେ କିନ୍ତୁ ସେମାନେ ଲାଞ୍ଜ, ମୁଣ୍ଡ ତଥା ଚାରିଗୋଡ଼ ସହିତ ଜନ୍ତୁମାନଙ୍କର ଏବଂ ମଣିଷର ଆକାର ଯଥା ଗୋଲମୁଣ୍ଡ, ଚାରୋଟି ରେଖାଙ୍କିତ ଥିବା ହସ୍ତ ଗୋଡ଼ ଇତ୍ୟାଦିକୁ ତିଆରି ଯଥା ଆଙ୍କି ପାରୁଥିଲେ ।

ଇତିହାସର ବିଭିନ୍ନ ସମୟାନୁସାରେ ବିଭିନ୍ନ ବିଷୟ ଉପରେ ଚିତ୍ରକଳା ଦ୍ୱାରା ସ୍ଥାପିତ ପରମ୍ପରା ରହିଆସିଅଛି । ମୁଖ୍ୟତଃ ଏହି ବିଷୟ ଦୈନନ୍ଦିନ ବ୍ୟବହୃତ ବିଷୟ ବସ୍ତୁ, ଭୂମିତଳ, ତଥା କାନ୍ଥରେ ଅଟେ ତଥା ପ୍ରତ୍ୟେକ କୃତିରେ କିଛି ନା କିଛି ପାରମ୍ପରିକ କଳା ନୈପୁଣ୍ୟର ଝଲକ ରହିଥିବାର ଜଣାଯାଏ ।



**ଚିତ୍ର ୨୬.୬ କାନ୍ଥ ଚିତ୍ର**

ମଧ୍ୟପ୍ରଦେଶର ବିଭିନ୍ନ ପାରମ୍ପରିକ ଚିତ୍ରକଳା ବିଶେଷ କରି ବୁନ୍ଦେଲଖଣ୍ଡ, ଛତିଶଗଡ଼, ଗୋଂଡ୍ୱାନା, ନିମାଡ଼ ତଥା ମାଲବାର ମାନବୀୟ ଜିବନ୍ତ ପ୍ରତିଛବି ସାମାଜିକ ସାଂସ୍କୃତିକ ଐତିହର ବାର୍ତ୍ତାବହନ କରିଥାଏ । ଏହା କେବଳ ସାଜସଜ୍ଜାରେ ସୀମିତ ନରହି ଧାର୍ମିକ ବିଶ୍ୱାସର ପ୍ରତିଷ୍ଠା କରିଥାଏ ।

ଏବେ ଆମେ କିଛି ଉଦାହରଣ ଦେଇ ଏହାକୁ ବୁଝାଇବାରେ ଯତ୍ନବାନ ହେବା ।

- ବୁନ୍ଦେଲଖଣ୍ଡରେ ଚିତ୍ରକଳାର କାମ ଚିତେରା ନାମରେ ଜଣାଶୁଣା ଚିତ୍ରକାର କରିଥାନ୍ତି ।
- ଛତିଶଗଡ଼ର ଚିତ୍ରକଳା ଓଦାମାଟିର ଲେପରେ ଆଧାରିତ ରୂପର ଉପଯୋଗ ହୋଇଥାଏ । ଏହା ଉପରେ ଆଙ୍ଗୁଠିର ସହାୟତାରେ ରେଖାଙ୍କିତ କରାଯାଏ ଯାହାକୁ ଲେପ କୁହାଯାଏ । ରଜବାର ସମୁଦାୟର ମହିଳାମାନେ ଏହି କଳାରେ ସିଦ୍ଧହସ୍ତ ଅଟନ୍ତି । ଅନ୍ୟ ପଟେ ପାଣ୍ଡୋ ତଥା ସତନାମୀ ସମୁଦାୟ ରେଖାଙ୍କନ ପ୍ରତିରୂପ କପଡ଼ାରେ ସିଲାଇ କାମରେ ଲାଗି ପଡ଼ିଥାନ୍ତି । ଛତିଶଗଡ଼ ମଧ ଗୋଦନା କଳାର ଦୁର୍ଗ ଅଟେ ଯେଉଁଥିରେ ବାଦୀ ସଂପ୍ରଦାୟର ମହିଳାମାନେ ଏହି କଳା ତିଆରି କରନ୍ତି । ଏହି ଗୋଦାନ କଳା

ଟୀପ୍‌ପଣୀ

କଷ୍ଟକର ତଥା ସୁନ୍ଦର ଅଟେ ତଥା ଏଥିରେ ପରିବର୍ତ୍ତନ କରି ଡ଼ିଜାଇନର ଛାପରେ ରୂପକୁ ପ୍ରୟୋଗ କରାଯିବାର ପୁରା ସମ୍ଭାବନା ଅଛି ।

- ମଧ୍ୟପ୍ରଦେଶର ଭୀଲ ତଥା ଭିଲାଲା ଜନଜାତି ଦ୍ୱାରା ପୌରାଣିକ ଆଖ୍ୟାନର ଆଧାରରେ ଆଧାରିତ ଚିତ୍ରକଳା ପିଥୋରା ନାମରେ ନାମିତ ଅଟେ । ଚମକ ସୃଷ୍ଟିକାରୀ ଅନେକ ରଙ୍ଗରେ ହାତୀ, ଘୋଡ଼ା, ପକ୍ଷୀ, ଭଗବାନ, ମନୁଷ୍ୟ ତଥା ସାଧାରଣ ଜୀବନରେ ଜଡ଼ିତ ଅନେକ ବିବିଧ ପ୍ରସଙ୍ଗକୁ ଏଥିରେ ଅଙ୍କିତ କରାଯାଇଥାଏ ।
- ଗୋଡ଼ୱାନା ଅଞ୍ଚଳରେ ଗୋଁଡ଼ ତଥା ପ୍ରଧାନ ଜନଜାତିଙ୍କ ଦ୍ୱାରା ଅଦ୍ୱିତୀୟ କଳାତ୍ମକ ଦୃଷ୍ଟି ଲୋକମାନଙ୍କୁ ପ୍ରଭାବିତ କରିଥାଏ । ଏମାନଙ୍କ କଳାର ପ୍ରଶଂସା ସୁଦୂର ଜାପାନ, ଫ୍ରାନ୍ସ, ଅଷ୍ଟ୍ରେଲିଆ ତଥା ଅନ୍ୟାନ୍ୟ ଦେଶମାନଙ୍କର ଚିତ୍ର ପ୍ରଦର୍ଶନୀରେ କରାଯାଇଅଛି ।
- ମଧ୍ୟପ୍ରଦେଶର ମାଲ୍‌ବା, ନିମାଡ଼ ତଥା ତଓ୍ୱରଗଡ଼ କ୍ଷେତ୍ର ନିଜର ମୁଁଡ଼ନ ତଥା ଭୂତଳ ଚିତ୍ରକଳା ପରମ୍ପରା ପାଇଁ ସର୍ବଦା ଜଣାଶୁଣା ଅଟେ । ନାଲିମାଟି ତଥା ଗାଈର ଗୋବର ମିଶ୍ରଣ ଭୂତଳରେ ଲେପନ ହେଉଥିବା ବସ୍ତୁ ଭାବରେ ବ୍ୟବହାର ହୋଇଥାଏ । ଏହା ଉପରେ ଧଳାରଂଗର ଚିତ୍ର ବା ଛବି ଅଙ୍କା ଯାଇଥାଏ । ମୟୂର, ବିଲେଇ, ସିଂହ, ଗୁଜରୀ, ବାଓ୍ୱରୀ, ସ୍ୱସ୍ତିକ ତଥା ସ୍ତମ୍ଭ ଏହି ଶିଳାର କିଛି ପ୍ରତୀକ ଅଟେ ।

## ୨୬.୭ କଥା କାହାଣୀ :

ଏକ ଭାରତୀୟ ଜଗଡ଼ମାଳୀ ଅନୁସାରେ ମତେ କିଛି ତଥ୍ୟ କୁହନ୍ତୁ ମୁଁ ଏହାକୁ ମନେ ରଖିଦେବି । ମତେ କିଛି ସତ୍ୟ କୁହନ୍ତୁ ଏବଂ ମୁଁ ଏହା ଉପରେ ବିଶ୍ୱାସ କରିବି କିନ୍ତୁ ଆପଣ ମତେ ଗୋଟେ ଗପ ଶୁଣାନ୍ତୁ ଏହା ସର୍ବଦା ମୋର ହୃଦୟ ମଧ୍ୟରେ ରହିବ । କଣ ଆପଣଙ୍କୁ ଗପ ଶୁଣିବାରେ ଭଲ ଲାଗେ ?

କିନ୍ତୁ ଗଳ୍ପ କହିଲେ କ'ଣ ବୁଝାଏ ? ଏକ ଗଳ୍ପ ଆମକୁ ମାନବିକତା ସହିତ ସଂଶ୍ଳିଷ୍ଟ କରିଥାଏ । ଏହା ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତକୁ ଏକାଠି କରିଥାଏ ତଥା ଏଥିରୁ ନିର୍ଗତ ଶିକ୍ଷାକୁ ଆମର କ୍ରିୟା-କଳାପର ପୂର୍ବାନୁମାନ ପାଇ ପଥ ପରିଷ୍କାର କରିଥାଏ ।

କ'ଣ କଥା କୁହାଯିବ ? କହିବାରେ ଶ୍ରୋତା ତଥା କଥା କହିବାର ବ୍ୟକ୍ତିର ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହୋଇଥାଏ । ଏଥିରେ କଥା କହୁଥିବା ବ୍ୟକ୍ତି ପାଇଁ କାହାଣୀ ସଂରଚନାର ପଥ ତଥା ସୁବିଧା ଲାଭ ହୋଇଥାଏ ।

ଏଠାରେ ଆମର 'ପଞ୍ଚତନ୍ତ୍ର' ତଥା 'ରାମାୟଣ' ଏବଂ 'ମହାଭାରତ'ର କଥା କାହାଣୀ ପ୍ରସ୍ତୁତ ଅଛି । ଏହାର ପାତ୍ର ତଥା ନାୟକ ଏକ ପିଢ଼ିରୁ ଅନ୍ୟ ପିଢ଼ିକୁ ମୌଖିକ ଶବ୍ଦର ପ୍ରୟୋଗ ଦ୍ୱାରା ହସ୍ତାନ୍ତରିତ ହୋଇଥାଏ । ଏହା ପିଲାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିବାର ଏକ ଶକ୍ତିଶାଳୀ ତଥା କ୍ରିୟାଶୀଳ ମାଧ୍ୟମ ଅଟେ ।

## ପାଠ୍ୟଗତ ପ୍ରଶ୍ନ ୨୬.୩ :

୧. ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

କ) ପ୍ରତୀକ ତଥା ପ୍ରେରଣା ___ କଳାରୂପର ଉଦାହରଣ ଅଟେ ।

ଖ) ବ୍ୟବସାୟ ଚିତ୍ରକାର ଯିଏ ବୁନ୍ଦେଲଖଣ୍ଡ ଚିତ୍ରକାରୀ କରେ ___ କୁହାଯାଏ ।

ଗ) ଛତିଶଗଡ଼ ___ ସମୁଦାୟର ମହିଳାମାନେ ___ ର ବିଶେଷଜ୍ଞ ଅଟନ୍ତି ।

ଘ) ଗୋଣ୍ଡଆନା ___ ତଥା ___ ଜନଜାତି ଦ୍ୱାରା ତିଆରି କରାଯାଇଥାଏ ।

ଙ) ___ ଲୋକପ୍ରିୟ ଭାରତୀୟ କଥା ଅଟେ ଯାହା ପିଢ଼ି ପିଢ଼ି ଦ୍ୱାରା ହସ୍ତାନ୍ତରିତ ହୋଇ ଆସୁଅଛି ।





## ୨୬.୮ ଆପଣମାନେ କ'ଣ ଶିଖିଲେ

⇨ ନାଟକ

- ◆ ତମାସା
- ◆ ନୌଟଙ୍କି
- ◆ ଖୟାଲ

⇨ ପଥପ୍ରାନ୍ତ ନାଟକ

⇨ କାଠ କଣ୍ଢେଇ

- ◆ ଦସ୍ତାନା କଣ୍ଢେଇ
- ◆ ଡ଼ୋରୋ କଣ୍ଢେଇ
- ◆ ଦଣ୍ଡ କାଠ କଣ୍ଢେଇ
- ◆ ଛାୟା କାଠ କଣ୍ଢେଇ

⇨ ସଂଗୀତ ତଥା ନୃତ୍ୟ

- ◆ ଭଜନ
- ◆ ଲୋକଗୀତ
- ◆ ଗଜଲ
- ◆ କବାଲି

⇨ ପରମ୍ପରାଗତ ପ୍ରେରଣା


- ◆ ରଙ୍ଗୋଲୀ
- ◆ ଲୋକଭିତ୍ତି ଚିତ୍ର
- ◆ ବସ୍ତ୍ରସଜ୍ଜା ସାଜସଜ୍ଜା
- ◆ ଭୂତଳ ପ୍ରତୀକ
- ◆ ସୂଚୀପତ୍ର ଚିତ୍ରକଳା

⇨ ଚିତ୍ରକଳା

- ◆ ଲିପାଲିପି
- ◆ ଟାଟୁ
- ◆ ପିଥୋରା ଚିତ୍ରକଳା
- ◆ ମଣ୍ଡାନା କାନ୍ଥ ଓ ଭୂତଳ ଚିତ୍ର କଳା

⇨ ଗଳ୍ପକାହାଣୀ

- ◆ ପଞ୍ଚତନ୍ତ୍ର
- ◆ ରାମାୟଣ
- ◆ ମହାଭାରତ



ଟୀପ୍‌ପଣୀ

## ୨୬.୯ ପାଠ୍ୟ ଅନ୍ତର୍ଗତ ପ୍ରଶ୍ନ

୧. ପାରମ୍ପରିକ ମାଧ୍ୟମର ବିଭିନ୍ନ ରୂପ ସଂଚାର କ୍ଷେତ୍ରରେ କିପରି ସହଯୋଗୀ ବା ସାହାଯ୍ୟ କରେ ତା' ଉପରେ ଆଲୋଚନା କରନ୍ତୁ ।

୨. କାଠ କଣ୍ଢେଇର ବିଭିନ୍ନ ରୂପ ସମ୍ପର୍କରେ ଉଦାହରଣ ସହ ବ୍ୟାଖ୍ୟା କରନ୍ତୁ ।

୩. ନିମ୍ନଲିଖିତ ଉପରେ ସଂକ୍ଷିପ୍ତ ଟିପ୍‌ପଣୀ ଦିଅ ।

କ) ପାରମ୍ପରିକ ପ୍ରେରଣା ତଥା ପ୍ରତୀକ

ଖ) ଚିତ୍ରକଳା

ଗ) ଗଳ୍ପକାହାଣୀ

## ୨୬.୧୦ ପାଠ୍ୟ ଅନ୍ତର୍ଗତ ପ୍ରଶ୍ନର ଉତ୍ତର :

୨୬.୧ 1. i) ଘ ii) ଘ iii) ଗ iv) ଘ v) ଘ

୨୬.୨ 1. i) ଗ ii) ଘ iii) କ iv) ଚ v) ଖ

୨୬.୩ 1. i) ପାରମ୍ପରିକ

ii) ଚିତେରା

iii) ରଜଓ୍ୱାର, ଲିପାପୋଛା

iv) ଗୋଣ୍ଡ, ପ୍ରଧାନ

v) ପଞ୍ଚତନ୍ତ୍ର





# ୨୭

# ପାରମ୍ପରିକ ମାଧ୍ୟମ ତଥା ବୈଦ୍ୟୁତିକ ମାଧ୍ୟମ ତୁଳନାତ୍ମକ ଅଧ୍ୟୟନ

ପାରମ୍ପରିକ ଅଧ୍ୟାୟମାନଙ୍କରେ ଆପଣ ପରମ୍ପରାଗତ ମାଧ୍ୟମର ବିଭିନ୍ନ ପ୍ରକାର ସମ୍ବନ୍ଧରେ ଜାଣିଛନ୍ତି ? କଣ ଆପଣ କେବେ ପାରମ୍ପରିକ ମାଧ୍ୟମ ତଥା ବୈଦ୍ୟୁତିକ ମାଧ୍ୟମ ଯେପରିକି ଦୂରଦର୍ଶନ ଆଦି ମଧ୍ୟରେ ଥିବା ବିଭିନ୍ନତା ବିଷୟରେ ଚିନ୍ତା କରିଛନ୍ତି କି ? ଦୁଇଟିଯାକର ହାନିଲାଭ ଭଲମନ୍ଦ ସମ୍ପର୍କରେ ବୁଝିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହାପରେ ହିଁ କୌଣସି ବ୍ୟକ୍ତି ଯେ କୌଣସି ଉପଯୁକ୍ତ ସଂଚାର ମାଧ୍ୟମକୁ ବାଛିପାରିବ । ଏହା ଏଇ କାରଣ ପାଇଁ ସମସ୍ତ ପରିସ୍ଥିତିରେ ଗୋଟିଏ ପ୍ରକାର ମାଧ୍ୟମ ସଂଚାର ପାଇଁ ଉପଯୁକ୍ତ ହୁଏନାହିଁ । ପାରମ୍ପରିକ ହେଉ ଅଥବା ବୈଦ୍ୟୁତିକ ହେଉ ସମସ୍ତ ମାଧ୍ୟମ ପାଇଁ ନିଜ ନିଜର କ୍ଷମତା ଏବଂ ସୀମିତ ସ୍ଥଳ ରହିଅଛି । ଏହି ମାଧ୍ୟମକୁ ଉଚିତ୍ ପୂର୍ଣ୍ଣଭାବରେ କାର୍ଯ୍ୟରେ ଲଗାଇବା ପୂର୍ବରୁ ଏହା ସମ୍ପର୍କରେ ପ୍ରଥମରୁ ହିଁ ସମସ୍ତ ପ୍ରକାର ଜ୍ଞାନଲାଭ କରିବା ଆବଶ୍ୟକ ଅଟେ । ଏଥିରୁ ଆମକୁ ଆମର ସନ୍ଦେଶ ବା ବାର୍ତ୍ତା ଅଧିକ ଉପଯୁକ୍ତ ହିସାବରେ ବିକଶିତ କରିବାରେ ସାହାଯ୍ୟ ଆସିବ । ଅନେକ ଥର ସନ୍ଦେଶ ବା ବାର୍ତ୍ତା ଅତି ଭଲ ହୋଇଥାଏ କିନ୍ତୁ ଅନୁପୋଯୁକ୍ତ ମାଧ୍ୟମର ଗତି ଫଳରେ ଏହା ପ୍ରଭାବଶୂନ୍ୟ ହୋଇପଡ଼େ ଏବଂ ଏହାର ଅର୍ଥ ମିଛ ପ୍ରମାଣିତ ହୋଇଥାଏ ।


**ଉଦ୍ଦେଶ୍ୟ :**

ଏହି ଅଧ୍ୟାୟକୁ ଅଧ୍ୟୟନ କରିସାରିବା ପରେ ଆପଣ ନିମ୍ନଲିଖିତ ଜିନିଷକୁ କରିବା ପାଇଁ ସକ୍ଷମ ହୋଇପାରିବେ ।

- ପାରମ୍ପରିକ ମାଧ୍ୟମ ତଥା ବୈଦ୍ୟୁତିକ ମାଧ୍ୟମରୁ ଲାଭ ତଥା ହାନିକୁ ସୂଚିବଦ୍ଧ କରିବା ।
- ବୈଦ୍ୟୁତିକ ମାଧ୍ୟମ ତଥା ପାରମ୍ପରିକ ମାଧ୍ୟମର ପ୍ରକୃତି ସମ୍ପର୍କରେ ଆଲୋଚନା କରିବା ।
- ପାରମ୍ପରିକ ମାଧ୍ୟମ ତଥା ବୈଦ୍ୟୁତିକ ମାଧ୍ୟମର ସମ୍ମିଳିତ ପ୍ରଭାବକୁ ବ୍ୟାଖ୍ୟା କରିବା ।

## ୨୭.୧. ପାରମ୍ପରିକ ମାଧ୍ୟମ ଏବଂ ବୈଦ୍ୟୁତିକ ମାଧ୍ୟମ ମାନଙ୍କର ଲାଭ ତଥା କ୍ଷତି :

ଏହା ଜାଣିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ କି ସମସ୍ତ ମାଧ୍ୟମର ନିଜ ନିଜର ଗୁଣ ତଥା ଅବଗୁଣ ରହିଅଛି । ଏହା ବିଭିନ୍ନ ପରିସ୍ଥିତିରେ ଉପଯୋଗ ହୋଇଥାଏ । ଏ ତଥ୍ୟ ମଧ୍ୟ ସତ୍ୟ ନୁହେଁ କି ମିଡ଼ିଆର କିଛି ରୂପ ଏକ ସମୟ ପରେ ପ୍ରଭାବଶାଳୀ ହୁଏନାହିଁ । ଉଦାହରଣ ପାଇଁ ଯେବେ ଭାରତରେ ଦୂରଦର୍ଶନ ଏବଂ ବେତାର



ଟୀପ୍ପଣୀ

ଆସିଥିଲା । ସେତେବେଳେ ଏହା ଅନୁଭୂତ ହେଉଥିଲା ଯେ, ସମାଚାର ପତ୍ର ତଥା ପାରମ୍ପରିକ ମାଧ୍ୟମ ଜନସଂଚାର ପାଇଁ ନିଜର ମହତ୍ତ୍ୱ ହରାଇ ବସିବ କିନ୍ତୁ ଏହା ସତ୍ୟ ଅଟେ କି ଏହା ଆଜି ପର୍ଯ୍ୟନ୍ତ ରହିଅଛି ତଥା ଜନସଂଚାରରେ ନିଜର ଭୂମିକା ଅତି ଭଲ ଭାବରେ ସମ୍ପାଦନ କରିପାରିଛି ।

ଏବେ ଆମେ ପାରମ୍ପରିକ ମାଧ୍ୟମ ତଥା ବୈଦ୍ୟୁତିକ ମାଧ୍ୟମରେ ଥିବା ଲାଭ କ୍ଷତିକୁ ସୂଚିବଦ୍ଧ କରିବା ।

**ପାରମ୍ପରିକ ମାଧ୍ୟମର ଲାଭ :**

- ମାନବୀୟ ସଂଚାର ପାଇଁ ଏହା ସର୍ବାଧିକ ଉପଯୋଗୀ ।
- ଏଥିରେ ବିଶେଷ ତଥା ଯାନ୍ତ୍ରିକ ପ୍ରୟୋଗର ଆବଶ୍ୟକତା ନାହିଁ ।
- ସଂସ୍କୃତି ତଥା ପରମ୍ପରା ମଧ୍ୟରେ ଗଭୀର ସମ୍ବନ୍ଧ ଥାଏ ।
- ଆମର ଦୈନନ୍ଦିନ ଜୀବନରେ ଅତ୍ୟନ୍ତ ଭାବରେ ଯୋଡ଼ି ହୋଇଥାଏ ।
- ଏହାର ପ୍ରତିପୃଷ୍ଟି ତୁରନ୍ତ ଏବଂ ଜଣା ଅଟେ ।
- ପ୍ରଚଳିତ ରୂପ ସନ୍ଦର୍ଭ ତଥା ବିଷୟବସ୍ତୁରେ ଏହା ପରିବର୍ତ୍ତନଶୀଳ । ଉଦାହରଣ ସ୍ୱରୂପ : ସାମାଜିକ ଉଦ୍ଦେଶ୍ୟ ହେତୁ ଲେଖାଯାଇଥିବା ରୂପ ତଥା ଶୈଳୀ ମଧ୍ୟରେ ପରିବର୍ତ୍ତନ ନକରି ସଂଗୀତର ସୃଷ୍ଟି ସମ୍ଭବତଃ ଅଟେ ।
- ମୂଲ୍ୟ ତଥା ଦାମ୍ ଅଧିକ ନ ଥାଏ ।
- ମନେ ରଖିବା ପାଇଁ ସହଜ ତଥା ବ୍ୟକ୍ତି ବିଶେଷଙ୍କର ଧ୍ୟାନ ଆକର୍ଷଣ କରିବା ପାଇଁ ସକ୍ଷମ ଅଟେ ।
- ଦେଶର ପ୍ରତି କ୍ଷେତ୍ରରେ ସାଧାରଣ ଜନତାଙ୍କ ସହିତ ସର୍ବାଧିକ ମିଶି କରିଥାଏ ।
- ଏଥିରେ ଧାର୍ମିକ ଅପେକ୍ଷା ଭାବନାତ୍ମକ ପ୍ରଭାବ ଅଧିକ ଥାଏ ।
- ଲୋକମାନଙ୍କର ସଂଚାର ଆବଶ୍ୟକତା ଅନୁସାରେ ବିଭିନ୍ନ ରୂପରେ ଏହା ବ୍ୟାପିଥାଏ ।
- ସ୍ଥାନୀୟ ତଥା ଜୀବନ୍ତ ଭାବରେ ଦର୍ଶକଙ୍କ ପାଖରେ ସିଧା ତାଳମେଳ ସ୍ଥାପନ କରିବାରେ ସକ୍ଷମ ହୋଇଥାଏ ।
- ଏହା ଦର୍ଶକଙ୍କ ପାଖରେ ଅତି ସୁନ୍ଦର ଭାବରେ ଉପଲବ୍ଧ ହୋଇଥାଏ । ନୂଆ ନୂଆ ବିଷୟ ଗ୍ରହଣ କରିବାରେ ଏହା ନମନୀୟ ଅଟେ । ସ୍ଥାନୀୟ ତଥା ଜୀବନ୍ତ ଭାବରେ ଦର୍ଶକଙ୍କ ପାଖରେ ସିଧା ତାଳମେଳ ସ୍ଥାପନ କରିବାରେ ସକ୍ଷମ ହୋଇଥାଏ ।
- ଏହା ଦର୍ଶକଙ୍କ ପାଖରେ ଅତି ସୁନ୍ଦର ଭାବରେ ଉପଲବ୍ଧ ହୋଇଥାଏ । ନୂଆ ନୂଆ ବିଷୟ ଗ୍ରହଣ କରିବାରେ ଏହା ନମନୀୟ ଅଟେ ।
- ବିଶେଷ ଭାବରେ ବୈଦ୍ୟୁତିକ ମିଡ଼ିଆ ତୁଳନାରେ ଏହା ଏକ ସଂସ୍ଥା ମାଧ୍ୟମ ଅଟେ । ତଥା ସବୁ ବର୍ଗର ଦର୍ଶକମାନଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିଥାଏ ପସନ୍ଦ ଭାବରେ ।

**ବୈଦ୍ୟୁତିକ ମିଡ଼ିଆର ଲାଭ :**

- ଏହା ଅଧିକ ସଂଖ୍ୟାରେ ପରିଚାଳିତ ତଥା ବିଭିନ୍ନତା ଯୁକ୍ତ ଦର୍ଶକଙ୍କ ବର୍ଗ ଅଟନ୍ତି ।
- ସଂଗେ ସଂଗେ ସନ୍ଦେଶ ପଠାଇବାର କ୍ଷମତା ଥାଏ ।
- ଗୋଟିଏ ସମୟରେ ବିଶାଳ ଜନ ସମୂହଙ୍କ ସମ୍ପର୍କରେ ଏହା ସନ୍ଦେଶ ପ୍ରେରଣରେ ସକ୍ଷମ ହୁଏ ।
- ଗୋଟିଏ ମାଧ୍ୟମ ଦ୍ୱାରା ଶୁଣିବା, ଦେଖିବା ତଥା ବିଷୟ ବସ୍ତୁର ବିବିଧତାର ଉପଯୋଗ ସମ୍ଭବ ହୋଇଥାଏ ।
- ଭବିଷ୍ୟତରେ ପ୍ରୟୋଗ କରିବା ପାଇଁ ଏଥିରେ ଅନ୍ତର୍ଗତ ବିଷୟ ବସ୍ତୁକୁ ସଂଗ୍ରହ ତଥା ଧ୍ୱନି ମାଧ୍ୟମା କରିବାରେ ସକ୍ଷମତା ରଖେ ।



ଟୀପ୍ପଣୀ

- ନିକଟ ଭବିଷ୍ୟତରେ ଏହା ଅଧିକ କ୍ରିୟାଶୀଳ ହେବା ଲକ୍ଷ୍ୟ ରଖିଥାଏ ।
- ଜୀବନ୍ତ ପ୍ରସାରଣର ଆରମ୍ଭ ହେବା ସଂଗେ ସଂଗେ ସଂଚାରରେ ବର୍ତ୍ତମାନ କୌଣସି ବାଧା ନାହିଁ ।

**ପାରମ୍ପରିକ ମାଧ୍ୟମର କ୍ଷୟକ୍ଷତି :**

- ପ୍ରଦର୍ଶନର ସ୍ଥାନ ସୀମିତ ।
- ସୀମିତ ପହଞ୍ଚିବା ।
- ପ୍ରଦର୍ଶନର ସଂଗ୍ରହତା ସୀମିତ ଅଟେ ।
- କେବଳ ସୀମିତ ଦର୍ଶକବର୍ଗଙ୍କୁ ପ୍ରଭାବିତ କରିବାରେ ସମ୍ଭାବନା ଥାଏ ।

**ବୈଦ୍ୟୁତିକ ମାଧ୍ୟମର କ୍ଷୟକ୍ଷତି :**

- ସୀମିତ ସମ୍ପର୍କ ପ୍ରତିପୁଷ୍ଟି ବ୍ୟବସ୍ଥା ଅତ୍ୟନ୍ତ ଧିର ।
- ବ୍ୟୟବହୁଳ ମାଧ୍ୟମ
- କାର୍ଯ୍ୟକ୍ରମ ନିର୍ମାଣ ପାଇଁ ବିଶେଷ ପ୍ରଶିକ୍ଷଣର ଆବଶ୍ୟକ ।
- ଗ୍ରାମୀଣ କ୍ଷେତ୍ରରେ ସୀମିତ ଉପଲବ୍ଧ ।

## ପାଠ୍ୟଗତ ପ୍ରଶ୍ନ ୨୭.୧ :

୧. ନିମ୍ନଲିଖିତ ମଧ୍ୟରୁ ସତ୍ୟ ଏବଂ ଅସତ୍ୟ ବାଛନ୍ତୁ ।

କ) ପାରମ୍ପରିକ ମାଧ୍ୟମ ପ୍ରକୃତିରେ ଅଧିକାଂଶ ବୈଦ୍ୟୁତିକ ଅଟେ ।

ଖ) ଗଣ ମାଧ୍ୟମ ଭବିଷ୍ୟତରେ ଉପଯୋଗ ପାଇଁ ସଂଗ୍ରହର ସୁବିଧା ପ୍ରଦାନ କରିଥାଏ ।

ଗ) ପାରମ୍ପରିକ ମାଧ୍ୟମ ଏହାର ବ୍ୟବହାର ପାଇଁ ପ୍ରାଥମିକ ଅବସଂରଚନାରେ ସାହାଯ୍ୟ ମାଗିଥାଏ ।


ଘ) ଜନମାଧ୍ୟମ ଏକ ସମୂହରେ ହିଁ ବହୁତ ବଡ଼ ଜନ ସମୁଦାୟ ପାଇଁ ସଂଚାରରେ ସକ୍ଷମ ହୁଏ ।

ଙ) ପାରମ୍ପରିକ ମାଧ୍ୟମ ସ୍ଥାନୀୟ ତଥା ଜୀବନ୍ତ ହୋଇଥାଏ ଏବଂ ଦର୍ଶକଙ୍କ ଠାରୁ ପ୍ରତ୍ୟକ୍ଷ ଭାବରେ ଜ୍ଞାନ ବିକଶିତ କରିବାରେ ସାହାଯ୍ୟ କରିଥାଏ ।

## ୨୭.୨ ପାରମ୍ପରିକ ମାଧ୍ୟମ ତଥା ବୈଦ୍ୟୁତିକ ମାଧ୍ୟମ ପ୍ରକୃତି :

ଭାରତରେ ପାରମ୍ପରିକ ମାଧ୍ୟମର ଧାରା ଶିକ୍ଷା ତଥା ବିକାଶ ସଂଚାରର ସାଧନ ହିସାବରେ ବହୁ ପୂର୍ବରୁ ହୋଇଅଛି । ପଛୁଆ ଦେଶର ଜନସାଧାରଣଙ୍କୁ ଆଗକୁ ବଢ଼ାଇବା ପାଇଁ ଏହା ସକ୍ଷମ ହୋଇଥାଏ । ଏହାଦ୍ୱାରା ମାନସିକ ସ୍ଥିତିରେ ପରିବର୍ତ୍ତନ ହେଉଥିବାରୁ ଏହା ସର୍ବାଧିକ ଉପଯୁକ୍ତ ମାଧ୍ୟମ ଅଟେ । ଏଥିପାଇଁ ଏହା ଅନୌପଚାରିକ ତଥା ଅଲିଖିତ ପ୍ରକୃତିର ଅଟେ । ଏହି ପ୍ରକାରରେ ଏହା ଗ୍ରାମୀଣ ଦର୍ଶକମାନଙ୍କ ସାମାଜିକ ପରିବର୍ତ୍ତନକୁ ସ୍ୱୀକାର କରିବାରେ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ ଆପଣଙ୍କ ପାଖ ପଡ଼ୋଶୀଙ୍କ ମଧ୍ୟରେ ସ୍ୱଚ୍ଛତାର ଆବଶ୍ୟକତା ତଥା ଏଥିପାଇଁ ଜନଜାଗ୍ରତ କେବଳ ପାରମ୍ପରିକ ମାଧ୍ୟମ ଦ୍ୱାରା ଜାରି ରହିଥାଏ ।

ଗ୍ରାମୀଣ, ଜନଜାତୀୟ କ୍ଷେତ୍ର ତଥା ନିରକ୍ଷରଙ୍କ ମଧ୍ୟରେ ପାରମ୍ପରିକ ମାଧ୍ୟମ ବିଶେଷ ରୂପରେ ବା ଭାବରେ ବିସ୍ତାର ଲାଭ କରିଥାଏ କାରଣ ଆଧୁନିକ ମାଧ୍ୟମ ଠାରୁ ଏହା ସେମାନଙ୍କ ଜ୍ଞାନର ବୃଦ୍ଧିରେ ବହୁଳ



ଟୀପ୍ପଣୀ

ଭାବରେ ସହାୟକ ହୋଇଥାଏ । ବସ୍ତୁତଃ ପାରମ୍ପରିକ ମାଧ୍ୟମ ଆଉ କିଛି ନୁହେଁ କେବଳ ସଂଚାରର ଏକ ଉପକରଣ ଯେଉଁଥିରେ ଲୋକମାନେ ସଂବୋଧିତ ହୋଇଥାନ୍ତି ତାର ସାମାଜିକ, ସାଂସ୍କୃତିକ, ଧାର୍ମିକ, ନୈତିକ ତଥା ଭାବନାତ୍ମକ ଆବଶ୍ୟକତାକୁ ଅଭିବ୍ୟକ୍ତ କରିବାରେ ବିଶେଷ ଭାବରେ ବିଶେଷତ୍ୱ ହୋଇଥାଏ ।

ଶିକ୍ଷଣୀୟ ଉଦ୍ଦେଶ୍ୟ ତଥା ସାମାଜିକ ପରିବର୍ତ୍ତନର ଏକ ସାଧନ ହିସାବରେ ମଧ୍ୟ ପାରମ୍ପରିକ ମାଧ୍ୟମକୁ ଉପଯୋଗ କରାଯାଇଥାଏ । ଏଠାରେ ଶିକ୍ଷଣୀୟ ବାର୍ତ୍ତା ମନୋରଂଜନ, ରଂଗ, ପେଷା, ସଂଗୀତ ତଥା ନୃତ୍ୟର ମାଧ୍ୟମରେ ପରିବେଷଣ କରାଯାଇଥାଏ । ଯେହେତୁ ଏହି ସାଧନ ସଂସ୍କୃତିର ଏକ ମୁଖ୍ୟ ଭାଗ ଅଟେ ସେଥିପାଇଁ ଦର୍ଶକମାନେ ପାରମ୍ପରିକ ମାଧ୍ୟମରୁ ପ୍ରାପ୍ତ ହେଉଥିବା ଅନୁଭବରୁ ନିଜକୁ ସକ୍ଷମ କରିପାରିଥାନ୍ତି । ଏବେ ଆମେ ଗ୍ରାମୀଣ କ୍ଷେତ୍ରରେ ପାରମ୍ପରିକ ମାଧ୍ୟମର ଏକ ଉଦାହରଣ ନେବା । ପାରମ୍ପରିକ ମାଧ୍ୟମ କୃଷିର ଉନ୍ନତି ସାଧନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଆସନ୍ତୁ ଦେଖିବା ଏହା କିପରି ସମ୍ଭବ ହୋଇଥାଏ ।

ପାରମ୍ପରିକ ମାଧ୍ୟମ ସୂଚନା, ଶିକ୍ଷା ତଥା ପ୍ରଶିକ୍ଷଣ ପ୍ରଦାନ କରି କୃଷକମାନଙ୍କୁ ସକ୍ଷମ, କୃଷି ଉପଯୋଗୀକ୍ଷମ, ସନ୍ତୁଳିତ ରୂପରେ ନିଜର ଜମି, ତଥା କୃଷି ସଂଶାଧନକୁ ଉପଯୋଗ କରିବାରେ ସାହାଯ୍ୟ କରିଥାଏ । ଉତ୍ପାଦନ ଦକ୍ଷତା ତଥା ଆୟବୃଦ୍ଧି ଲକ୍ଷ୍ୟରେ କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ କେତେଗୁଡ଼ିଏ ବଛା ବଛା ପାରମ୍ପରିକ ମାଧ୍ୟମର ରୂପକୁ ଚିହ୍ନଟ କରାଯାଇଛି । ଏହା ଆଶା କରାଯାଉଛି କି ଏଥିରେ ଲୋକଙ୍କ ଜୀବନ ସ୍ତରରେ ପରିବର୍ତ୍ତନ ଆସିବା ସଂଗେ ସଂଗେ ଗ୍ରାମୀଣ ଶୈକ୍ଷଣିକ ତଥା ସାମାଜିକ ଜୀବନରେ ମଧ୍ୟ ବହୁ ବିକଶିତ ତଥା ଉର୍ଦ୍ଧ୍ୱଗାମୀ ହେବ ।


ଏଥିପାଇଁ କୃଷକ ଭାଇମାନଙ୍କୁ ମିଡ଼ିଆ ସହିତ ମିଶିକରି କାମ କରିବା ଦରକାର । ପାରମ୍ପରିକ ମାଧ୍ୟମର ଅନେକ ରୂପ ଅଛି ଯାହାକି କୃଷକମାନଙ୍କୁ ପ୍ରଶିକ୍ଷିତ କରିବାରେ ବହୁମାତ୍ରାରେ ସାହାଯ୍ୟ କରିବ । ଅଲଗା ଅଲଗା ରୂପ ଅଲଗା ଅଲଗା ପରିସ୍ଥିତିକୁ ମଧ୍ୟ ପ୍ରଭାବିତ କରିଥାଏ ।

ଆସନ୍ତୁ ଏବେ ବିଭିନ୍ନ ରୂପ ସମ୍ପର୍କରେ ଅଧ୍ୟୟନ କରିବା ।

**ପ୍ରଦର୍ଶନ :** ପ୍ରଦର୍ଶନ, ଜ୍ଞାନର ସ୍ଥାନାନ୍ତରଣ ତଥା ନୂଆ ବିଚାରଧାରା ଏବଂ ପ୍ରାଦୌଗିକକୁ ଲଗାଇବାରେ କୃଷକମାନଙ୍କୁ ଉତ୍ସାହିତ କରିବାରେ ଉପଯୋଗୀ ସାଧନ ଅଟେ । ସାପ୍ତାହିକ ହାଟ-ବଜାର ଯେଉଁଠାରେ କୃଷକମାନେ ଏକତ୍ରୀତ ହୋଇଥାନ୍ତି, ଏଠାରେ ପାରମ୍ପରିକ ମାଧ୍ୟମର ଗଳ୍ପ ତଥା ନାଟକର ଉପଯୋଗ କରାଯାଇପାରିବ ।

**ମେଳା :** ଅଳ୍ପ ସମୟ ମଧ୍ୟରେ ବହୁଲୋକଙ୍କ ଭିତରେ ପ୍ରାଦୌଗିକ ବିଷୟରେ ଯେଉଁ ସମସ୍ତ ପରିବର୍ତ୍ତନ ହେଉଛି ତାକୁ ଲୋକଙ୍କ ମଧ୍ୟରେ ଜାଗରଣ ଆଣିବା ପାଇଁ ମେଳା ସାହାଯ୍ୟ କରିଥାଏ । ଏହା କୃଷକମାନଙ୍କୁ ନୂଆ ପ୍ରାଦୌଗିକ ତଥା ନୂଆ ନୂଆ କୌଶଳ, ଅନ୍ୟ କୃଷକ ତଥା ବେସରକାରୀ ସଂସ୍ଥାଦ୍ୱାରା ପ୍ରଯୁକ୍ତ ହୋଇଥିବା କ୍ଷମତାକୁ ସ୍ୱଷ୍ଟ ତଥା ସାହାଯ୍ୟ କରିଥାଏ । ଏହା ସମ୍ବନ୍ଧିତ ସାହିତ୍ୟ ତଥା ଆଲୋଚନାକୁ ଅନୌପଚାରିକ ପରିସ୍ଥିତିରେ ଉପଲବ୍ଧ କରାଇବାରେ ସୁଯୋଗ ପ୍ରଦାନ କରିଥାଏ ।

**ବିଶେଷଜ୍ଞମାନଙ୍କ ସିଧା ସାକ୍ଷାତ୍ :** ଅନ୍ୟ କୃଷିକ୍ଷେତ୍ର ତଥା ରିସର୍ଚ୍ଚ ଅନୁଷ୍ଠାନ ଯାହାକି ସେ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛି ତାହାକୁ ବୁଲି ଦେଖିବା ଏହା କୃଷକମାନଙ୍କୁ ସେ କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞଙ୍କ ସହିତ ସିଧା ବାର୍ତ୍ତାଳାପ ପାଇଁ ସାହାଯ୍ୟ କରିଥାଏ । ସେମାନଙ୍କର ଅସୁବିଧା ଏହାର ନିରାକରଣ ତୁରନ୍ତ ସମାଧାନ କରାଯାଏ ।  ଏହା ସଂଗେ ସଂଗେ ଅନ୍ୟ କୃଷକମାନଙ୍କ ସଫଳତା ପ୍ରେରଣାର ଉତ୍ସ ଭାବରେ କାମରେ ଲାଗିଥାଏ ।



ଟୀପ୍‌ପଣୀ

**କାଠ କଣ୍ଢେଇ :** ଆପଣମାନେ ପୂର୍ବ ଅଧ୍ୟାୟରେ କାଠ କଣ୍ଢେଇର ବିଭିନ୍ନ ରୂପ ସମ୍ବନ୍ଧରେ ଜ୍ଞାନ ଲାଭ କରିଛନ୍ତି । କାଠ କଣ୍ଢେଇ ଏକ ଲୋକପ୍ରିୟ ପାରମ୍ପରିକ ମାଧ୍ୟମ ଅଟେ ଯାହାକି ଶିକ୍ଷଣୀୟ ମାଧ୍ୟମ ଭାବରେ ପ୍ରୟୋଗ ହୋଇଥାଏ । ଏହି ରୂପ ଶିକ୍ଷା ଏବଂ ମନୋରଂଜନର ମିଳିତ ରୂପ ଅଟେ ।

ଉପର ବର୍ଣ୍ଣିତ ପାରମ୍ପରିକ ମାଧ୍ୟମ ରୂପ ମୁହାଁମୁହିଁ ସ୍ଥିତିରେ ସନ୍ଦେଶ ବାହାକର ରୂପରେ ବ୍ୟବହାର ହୋଇଥାଏ । ଏଥିରେ ଗ୍ରାମୀଣ ସଂଚାର ଅର୍ଥପୂର୍ଣ୍ଣ ସହମତିମୂଳକ ହୋଇପାରେ ।

ଏବେ ଆମେ ଯାନ୍ତ୍ରିକ ମାଧ୍ୟମର ପ୍ରକୃତି ଉପରେ ଆଲୋଚନା କରିବା ।

ବେତାର ତଥା ଦୂରଦର୍ଶନ ଭଳି ଯାନ୍ତ୍ରିକ ମାଧ୍ୟମ ଦୃଷ୍ଟି ତଥା ଶ୍ରବଣ ଇନ୍ଦ୍ରୀୟ ପ୍ରଭାବିତ ହୋଇପାରୁଥିବା ଉପଯୋଗର ମାଧ୍ୟମ ଅଟେ । ବେତାର କଳ୍ପନାଶୀଳତାକୁ ସକ୍ରିୟ କରିବା ଭଳି ଗୋଟିଏ ଛୋଟ ଶସ୍ତା ମାଧ୍ୟମ ଅଟେ ଯେଉଁଠାରେ ଦୂରଦର୍ଶନ ଶବ୍ଦ ଏବଂ ଚିତ୍ରର ଶକ୍ତିଶାଳୀ ମାଧ୍ୟମ ଅଟେ । ଆପଣ ଏହା ବି ପଢ଼ିଥିବେ କି ଦୃଶ୍ୟ-ଶ୍ରାବ୍ୟ ପ୍ରକୃତି ଦୂରଦର୍ଶନକୁ ଯାଦୁର ମାଧ୍ୟମ କରିଦେଇଥାଏ ଯାହା ଆମ୍ଭମାନଙ୍କୁ ଘରେ ବସି ଦୁନିଆ ଦେଖିବାର ସୁଯୋଗ ପ୍ରଦାନ କରିଥାଏ ।

ଆପଣମାନେ ପୂର୍ବ ଅଧ୍ୟାୟରେ ଏହା ବି ପାଠ କରିଥିବେ କି ତୁରନ୍ତ ଏବଂ ସମୟୋପଯୋଗୀ ପଦକ୍ଷେପ ବୈଦ୍ୟୁତିକ ମାଧ୍ୟମର ଏକ ମହତ୍ତ୍ୱପୂର୍ଣ୍ଣ ବିଶେଷତଃ ଅଟେ । ଏଥିପାଇଁ ସନ୍ଦେଶ ପ୍ରାପ୍ତିରେ କୌଣସି ବିଳମ୍ବ ଘଟି ନ ଥାଏ । ନିଜର ଏକ ବିଶାଳ ପ୍ରସାରଣ ପରିଧିରେ ରହି ଏହା ସୂଚନା ହସ୍ତାନ୍ତକରଣ, ଶିକ୍ଷା, ସଂସ୍କୃତି, ସ୍ୱାସ୍ଥ୍ୟ, ରାଜନୀତି ଇତ୍ୟାଦିର ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥାଏ । ମାଧ୍ୟମ ପର୍ଯ୍ୟନ୍ତ ପହଞ୍ଚ, ଉଚ୍ଚାରିତ ଶବ୍ଦର ମୂଳଭୂତ ଜ୍ଞାନ ତଥା ସଂକ୍ଷିପ୍ତ ପ୍ରଶିକ୍ଷଣ ବୈଦ୍ୟୁତିକ ମାଧ୍ୟମର ସେବା ଉପଯୋଗୀ ପର୍ଯ୍ୟାପ୍ତ ଅଟେ ।

ଉଚ୍ଚ କ୍ଷମତା ସଂପୂର୍ଣ୍ଣ କାରିଗରୀ ବିଦ୍ୟାର ସହାୟତାରେ ବିସ୍ତାରିତ ଭୌଗୋଳିକ ପରିସୀମାକୁ ପରିକ୍ରମା କରିବା ବୈଦ୍ୟୁତିକ ମାଧ୍ୟମ ଦ୍ୱାରା ଅତ୍ୟନ୍ତ ସରଳ ତଥା ଶସ୍ତା ଅଟେ ।

ସେ ଯାହାବି ହେଉ ଦୂରଦର୍ଶନ ଭଳି ବୈଦ୍ୟୁତିକ ମାଧ୍ୟମ ଦ୍ୱାରା ଜନ ସମୂହଙ୍କର ଜୀବନଶୈଳୀ, ବ୍ୟବହାର ତଥା ମୂଲ୍ୟଧାରାରେ ପରିବର୍ତ୍ତନ ଆସିପାରିଛି । ବହୁ ପ୍ରକାର ପରୀକ୍ଷା ନିରୀକ୍ଷା ପରେ ଏହା ସ୍ପଷ୍ଟ ହୋଇଛି ଯେ ଦୂରଦର୍ଶନ ଦେଖିବା ଦ୍ୱାରା ଲୋକମାନଙ୍କର ବିଶେଷ କରି ପିଲାମାନଙ୍କର ବ୍ୟବହାରରେ ଅନେକ ପରିବର୍ତ୍ତନ ର ସମ୍ଭାବନା ଦେଖାଦେଇପାରେ ।

## ପାରମ୍ପରିକ ମାଧ୍ୟମ ସଂପର୍କରେ କିଛି ଭ୍ରମଧାରଣା ତଥା କଳ୍ପନା ଜଳ୍ପନା :

ପାରମ୍ପରିକ ମାଧ୍ୟମ ବିଷୟରେ ଲୋକମାନଙ୍କ ମନରେ କିଛି ନା କିଛି ଭ୍ରମଧାରଣା ରହିଅଛି । ଏଥିମଧ୍ୟରୁ କିଛି ନିମ୍ନରେ ପ୍ରଦତ୍ତ ଅଛି ।

- ବର୍ତ୍ତମାନ ପରିପ୍ରେକ୍ଷିରେ ପାରମ୍ପରିକ ମାଧ୍ୟମର କୌଣସି ଉପଯୋଗିତା ନାହିଁ ।
- ଏହା ଜନ ସଂଚାର ପାଇଁ ଉପଯୋଗୀ ନୁହେଁ ।

ଯେହେତୁ ପାରମ୍ପରିକ ମାଧ୍ୟମ ଗୋଟିଏ ସମୟରେ ଛୋଟ ଦର୍ଶକଙ୍କ ପାଖରେ ପହଞ୍ଚିଥାଏ ତଥାପି ଏହାର ପ୍ରଭାବ ବହୁତ ନିମ୍ନସ୍ତର ପର୍ଯ୍ୟନ୍ତ ଲମ୍ବି ଥାଏ । ବୈଦ୍ୟୁତିକ ମାଧ୍ୟମର ବିପରୀତ ଭାବରେ ପାରମ୍ପରିକ ମାଧ୍ୟମରେ ଶ୍ରୋତାମାନଙ୍କ ସମାନ ଭାଗିଦାରୀ ଥାଏ । କଳାରୂପ ଆମର ପୂର୍ବ ପୁରୁଷଙ୍କ ପରମ୍ପରା ତଥା ସଂସ୍କୃତିର ସଂରକ୍ଷଣ ତଥା ବିସ୍ତାର କରିଥାଏ । ସମାଜରେ ସକାରାତ୍ମକ ପରିବର୍ତ୍ତନ ପାଇଁ ପାରମ୍ପରିକ ମାଧ୍ୟମ ମହତ୍ତ୍ୱପୂର୍ଣ୍ଣ ଭୂମିକା  ଗ୍ରହଣ କରିଥାଏ । ଜନ ମାଧ୍ୟମର କିଛି ରୂପରେ ଏହା ଦେଖାଯାଉଛି କି ଯେଉଁଠାରେ ବିକାଶର ଧାରା ରହିଛି ସେଠାରେ ପ୍ରଭାବହୀନ ରହୁଛି । ପାରମ୍ପରିକ ମାଧ୍ୟମ ଯେଉଁଠାରେ କି

ଟୀପ୍ପଣୀ

ପରିବର୍ତ୍ତନ ଏବଂ ବିକାଶକୁ ପ୍ରବର୍ତ୍ତନ କରୁଛି ସେଠାରେ ଏହା ଅଧିକ ପ୍ରଭାବଶାଳୀ ହୋଇପାରୁଛି ।

## ପାଠ୍ୟଗତ ପ୍ରଶ୍ନ ୨୭.୨

୧. ପାରମ୍ପରିକ ମାଧ୍ୟମର ପାଞ୍ଚଟି ଲାଭ କୁହନ୍ତୁ ।

୨. ବୈଦ୍ୟୁତିକ ମାଧ୍ୟମର ପାଞ୍ଚଟି ହାନୀକାରକକୁ ସୂଚୀବଦ୍ଧ କରନ୍ତୁ ।

## ୨୭.୩ ପାରମ୍ପରିକ ମାଧ୍ୟମ ତଥା ବୈଦ୍ୟୁତିକ ମାଧ୍ୟମ ମଧ୍ୟରେ ପାରସ୍ପରିକ ସଂପର୍କ :


**ପାରସ୍ପରିକ ସଂପର୍କ :** ଭାରତ ଅନେକ ସଂପୂର୍ଣ୍ଣ, ପ୍ରଭାବୀ, ଲୋକପ୍ରିୟ ତଥା ଶକ୍ତିଶାଳୀ ପାରମ୍ପରିକ ମାଧ୍ୟମରେ ପରିପୂର୍ଣ୍ଣ ଅଟେ ଯାହାକି ବହୁ ପୂର୍ବରୁ ବିକଶିତ ହୋଇଅଛି । ହୋଇପାରେ ବୈଦ୍ୟୁତିକ ମାଧ୍ୟମର ବିକାଶ ଦୁନିଆକୁ ଗାଁରେ ବଦଳାଇ ପାରିଛି କିନ୍ତୁ ପାରମ୍ପରିକ ମାଧ୍ୟମର ରୂପ ତା'ର ମହତ୍ତ୍ୱ ସବୁବେଳେ ଉଚ୍ଚ କରିପାରିଛି ।

ଆମ ସମାଜରେ ପାରମ୍ପରିକ ମାଧ୍ୟମ ଏବେ ବି ତାର ପ୍ରଭାବ ବିସ୍ତାର କରିପାରିଛି । ପାରମ୍ପରିକ ମାଧ୍ୟମର ତତ୍ତ୍ୱକୁ ବୈଦ୍ୟୁତିକ ମାଧ୍ୟମରେ ପ୍ରୟୋଗ କରାଯାଇଛି ତଥା ଏହି ପ୍ରକାରର ପାରମ୍ପରିକ ମାଧ୍ୟମର ବିକାଶ ସଂଚାର କ୍ଷେତ୍ରରେ ଉପଯୋଗ ହେଉଅଛି । ଆପଣ ପ୍ରଥମ ପ୍ରୟୋଗରେ ବିକାଶ ସଂଚାରର ବିଷୟରେ ଯାହା ପଢ଼ିଥିଲେ ତାକୁ ମନେ ପକାଇପାରନ୍ତି ।



ଚିତ୍ର ୨୭.୧

ପାରମ୍ପରିକ ମାଧ୍ୟମର ସହାୟତାରେ କୃଷି ପ୍ରଗତି, ପ୍ରାଥମିକ ସ୍ୱାସ୍ଥ୍ୟର ରକ୍ଷଣବେକ୍ଷଣ, ଶିକ୍ଷା, ମହିଳା ତଥା ବାଳ ଅଧିକାରର ବାର୍ତ୍ତା ସମସ୍ତଙ୍କ ପାଖକୁ ଯାଉଅଛି । ଗ୍ରାମୀଣ କ୍ଷେତ୍ରରେ ବହୁତ ଲୋକ ଦୈନିକ ଜୀବନର କଠିନତାରୁ ଟିକେ ମୁକ୍ତି ପାଇବା ପାଇଁ ପାରମ୍ପରିକ ମାଧ୍ୟମର କଳାକାରଙ୍କ ଦ୍ୱାରା ପ୍ରସ୍ତୁତିରୁ



ଟୀପ୍ପଣୀ

ଆନନ୍ଦ ଉଠାଉଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଲୋକଙ୍କ ପାଖରେ ଏବେ ମଧ୍ୟ ଆଧୁନିକ ମନୋରଂଜନର ମାଧ୍ୟମ ପହଞ୍ଚି ପାରିନାହିଁ ।

ବର୍ଷ ବର୍ଷ ଧରି ଏହି ମାଧ୍ୟମ ଜୀବନ୍ତ ପ୍ରଦର୍ଶନ ତଥା ବୈଦ୍ୟୁତିକ ମାଧ୍ୟମର ସାଥିରେ ଏକାଠି ମିଶିକରି ବିକାଶ ସନ୍ଦେଶର ବାର୍ତ୍ତା ଯାହା ସଂଚାର ଉପଯୋଗୀ ମାଧ୍ୟମ ଅଟେ ଏହାକୁ ଚିହ୍ନଟ କରିପାରିଛି । ବେତାର ତଥା ଦୂରଦର୍ଶନ ଭଳି ବୈଦ୍ୟୁତିକ ଗଣମାଧ୍ୟମ ପାରମ୍ପରିକ ପ୍ରଦର୍ଶନକୁ କ୍ଷେତ୍ରୀୟ ପ୍ରସାରଣର କାମରେ ବିସ୍ତାର କରିପାରିଛି । ଅନ୍ୟ ପକ୍ଷରେ ପାରମ୍ପରିକ ମାଧ୍ୟମ ନିଜର ରଂଗ, ବିବିଧତା, ପୋଷାକ, ନୃତ୍ୟ ତଥା ସଂଗୀତର ବିଭିନ୍ନତାରେ ବୈଦ୍ୟୁତିକ ମାଧ୍ୟମକୁ ମଣ୍ଡନ କରିପାରିଛି ।


ଅନେକ ଶିକ୍ଷାବିତ୍ ସୂଚନା ବିଦ୍ୟାର ଅଧିକ ତ୍ୱରାନ୍ୱିତ ପଦକ୍ଷେପ ଯାହାକି ଗ୍ରାମୀଣ ଦର୍ଶକଙ୍କୁ ଅଧିକ ପ୍ରବର୍ତ୍ତାଇବାରେ ସାହାଯ୍ୟରେ କରି ସେଥିପାଇଁ ପାରମ୍ପରିକ ଏବଂ ବୈଦ୍ୟୁତିକ ମାଧ୍ୟମର ସଂଯୋଜନାକୁ ସାବାସି ଦେଇଥାନ୍ତି । ଗ୍ରାମୀଣ ବିକାଶର କୌଣସି କାର୍ଯ୍ୟକ୍ରମରେ ପାରମ୍ପରିକ ମାଧ୍ୟମର ସହଯୋଗ ଜରୁରୀ ଅଟେ । ଯେଉଁ ପର୍ଯ୍ୟନ୍ତ ସମ୍ଭବ ହୋଇପାରିବ ଏହାର ବୈଦ୍ୟୁତିକ ମାଧ୍ୟମ ସହିତ ସଂଯୋଜନା ଜରୁରୀ ଅଟେ ଯେଉଁଥିରେ ପୂର୍ବରୁ ସ୍ଥାନୀୟ ବାସିନ୍ଦା ପରିଚିତ ଅଟନ୍ତି ତଥା ଯାହାକି କେବଳ ମନୋରଂଜନର ସାଧନ ଭାବରେ ଉପଯୋଗ ହୋଇଅଛି ।

ବିକାଶୋନ୍ମୁଖି ଗତିବିଧିରେ ଲୋକଙ୍କର ସହଭାଗିତାକୁ ସୁନିଶ୍ଚିତ କରିବା ପାଇଁ, ମନୋରଞ୍ଜନର ମାଧ୍ୟମରେ ଲୋକଙ୍କ ଧ୍ୟାନ ଆକୃଷ୍ଟ କରିବା ପାଇଁ ତଥା ଗ୍ରାମୀଣ ଜନତାଙ୍କୁ ଜାଣିବା ପାଇଁ ପାରମ୍ପରିକ ମାଧ୍ୟମର ଉପଯୋଗ କେତେଗୁଡ଼ିଏ ଆବଶ୍ୟକ ସର୍ତ୍ତ ଭଳି ଅଟେ ।

ସଂଚାର କାର୍ଯ୍ୟକ୍ରମରେ ପାରମ୍ପରିକ ମାଧ୍ୟମର ଉପଯୋଗିତା କେବଳ ରାଜନୈତିକ ତଥା ସାମାଜିକ ଆର୍ଥିକ ବିକାଶ ନୁହେଁ ତା ସଂଗେ ସଂଗେ ସାଂସ୍କୃତିକ ବିକାଶର ଦୃଷ୍ଟିରେ ମଧ୍ୟ ଦେଖାଯିବା ଉଚିତ । ପାରମ୍ପରିକ ମାଧ୍ୟମକୁ ନିଜର ସାମାଜିକ ବିଶ୍ୱାସନୀୟତା ବଜାୟ ରଖିବାର ଆବଶ୍ୟକତା ରହିଅଛି । ସବୁ ପାରମ୍ପରିକ ମାଧ୍ୟମ ବିକାଶ ସଂଚାର ହେତୁ ଉପଯୋଗ ହୋଇ ନପାରନ୍ତି । ପ୍ରାସଙ୍ଗିକ ସନ୍ଦେଶର ସଂଚାରରେ ଉପଯୁକ୍ତ ମାଧ୍ୟମର ଚୟନକୁ ଅଧିକ ସାବଧାନ ସହ ରଖିବା ଦରକାର । ପାରମ୍ପରିକ ମାଧ୍ୟମର କାର୍ଯ୍ୟକ୍ରମ ସମାଜର ଆବଶ୍ୟକତାକୁ ନେଇ ଅନୁକୂଳ ହେବା ଦରକାର ତଥା ସ୍ଥାନୀୟ ସମୁଦାୟଙ୍କର ବିଶ୍ୱାସ ଏବଂ ପରମ୍ପରା ଅନୁରୂପ ହେବା ଦରକାର । ଉଦାହରଣ ସ୍ୱରୂପ ମହାରାଷ୍ଟ୍ରର ଲୋକନାଟ୍ୟ ତାମସାର କେରଳର ସାମାଜିକ ସଂଦେଶ ପ୍ରଦାନର କୌଣସି ମହତ୍ତ୍ୱ ଭୂମିକା ନାହିଁ । କଳାରୂପର ମୌଳିକତାକୁ ବଞ୍ଚାଇବାର ପ୍ରୟାସ ସର୍ବଦା ରହିବା ଆବଶ୍ୟକ କିନ୍ତୁ ଏହାକୁ ନଷ୍ଟଭ୍ରଷ୍ଟ କରିବା ପାଇଁ ନୁହେଁ । ସେହିଭଳି ଭାବରେ ଲୋକକଳାକାର ଏବଂ ପ୍ରଯୋଜକଙ୍କ ମଧ୍ୟରେ ସଂପର୍କ ବାଞ୍ଛନୀୟ ଅଟେ ଯାହାକି ଲୋକ ମାଧ୍ୟମ ଏବଂ ବୈଦ୍ୟୁତିକ ମାଧ୍ୟମର ଉନ୍ନତିରେ ଲାଗିପାରିବ ।

ସେ ଯାହାବି ହେଉ ବୈଦ୍ୟୁତିକ ମାଧ୍ୟମର ଅତ୍ୟନ୍ତ ପ୍ରଭାବଶାଳୀ ତଥା ଆକର୍ଷଣର ପ୍ରଭାବରେ ପାରମ୍ପରିକ କଳାରୂପ ପ୍ରଭାବିତ ତଥା ରୂପାନ୍ତରିତ ମଧ୍ୟ ହେଉଅଛି । ଏ ସମୟରେ ଏହା ଦେଖିବା ଦୁଃଖର ବିଷୟ ଅଟେ କି କେଉଁ କୌଶଳରେ ବୈଦ୍ୟୁତିକ ମାଧ୍ୟମ ପାରମ୍ପରିକ ତଥା ଲୋକରୂପକୁ ବେତାର ତଥା ଦୂରଦର୍ଶନ ମାଧ୍ୟମରେ ବିଶେଷ କରି କୃଷକ ଭିତ୍ତିକ କାର୍ଯ୍ୟକ୍ରମରେ ସମସାମୟିକ ସଂଦେଶର ସଂଚାରରେ କିଭଳି ଭାବରେ ଶୋଷଣ କରୁଅଛନ୍ତି ।

ଏହା ସେହି ସଂଯୁକ୍ତ ଦୃଷ୍ଟିକୋଣ ଅଟେ ଯାହାକି ଦୁଇ ପ୍ରାଦୌଗିକ ଆଧାରିତ ମାଧ୍ୟମ ତଥା ଲୋକମାଧ୍ୟମ ଦୁହିଁଙ୍କର କ୍ଷମତାକୁ ବଢ଼ାଇପାରେ । ଗୋଟିଏ ବ୍ୟବହାରିକ ଦୃଷ୍ଟିକୋଣ ପାଇଁ ଆଧୁନିକ ତଥା ପାରମ୍ପରିକ ମାଧ୍ୟମର ମିଶ୍ରଣ ଆବଶ୍ୟକ ଅଟେ କିନ୍ତୁ ତା ସଂଗେ ସଂଗେ ପାରମ୍ପରିକ ମାଧ୍ୟମର ମୌଳିକତାକୁ ବଞ୍ଚାଇ



ଟୀପ୍‌ପଣୀ

ରଖିବା ପାଇଁ ଧ୍ୟାନ ଦେବା ଆବଶ୍ୟକ ଅଟେ । ଏହା ସମ୍ଭବ ନୁହେଁ କି ବୈଦ୍ୟୁତିକ ମାଧ୍ୟମ ପାରମ୍ପରିକ ମାଧ୍ୟମକୁ ଅପ୍ରାସଙ୍ଗିକ କରିଦେବ ଯେଉଁଳି ଦୂରଦର୍ଶନ ଦେଖିବା ପରେ ସମାଚାର ପତ୍ର ପଢ଼ିବା ଉପରେ ପ୍ରଭାବ ପଡ଼ିନାହିଁ ।

## ୨୭.୪ ଆପଣ କଣ ଶିଖିଲେ :

⇨ ପାରମ୍ପରିକ ମାଧ୍ୟମର ଲାଭ
- ◆ ବିଶେଷ ପ୍ରଶିକ୍ଷଣର ଆବଶ୍ୟକତା ନାହିଁ ।
- ◆ ଏହାର ପ୍ରତିପୃଷ୍ଟି ତତ୍କାଳୀକ ତଥା ଜଣାଶୁଣା ।
- ◆ ଶସ୍ତା
- ◆ ସ୍ଥାନୀୟ ତଥା ଜୀବନ୍ତ ମାଧ୍ୟମ
- ◆ ନୂଆ ବିଷୟକୁ ଗ୍ରହଣ କରିବାରେ ପରିବର୍ତ୍ତନକ୍ଷମ

⇨ ବୈଦ୍ୟୁତିକ ମାଧ୍ୟମର ଲାଭ
- ◆ ସମ୍ଭବତଃ ବୈଦ୍ୟୁତିକ ପ୍ରକୃତିର ଅଟେ
- ◆ ତୁରନ୍ତ ସଂଚାରିତ ହୁଏ
- ◆ ବିସ୍ତାରିତ ଭୌଗୋଳିକ କ୍ଷେତ୍ରକୁ ଅତିକ୍ରମ କରେ ।

⇨ ପାରମ୍ପରିକ ମାଧ୍ୟମର ହାନିକାରକ
- ◆ ପ୍ରଦର୍ଶନ ସ୍ଥାନ ପର୍ଯ୍ୟନ୍ତ ସୀମିତ ଅଟେ
- ◆ ସୀମିତ ଦର୍ଶକଙ୍କ ପର୍ଯ୍ୟନ୍ତ ବିସ୍ତାରିତ ଅଟେ
- ◆ ଧରି ରଖିବା ସୀମିତ ସମ୍ଭାବନା ଅଟେ

⇨ ବୈଦ୍ୟୁତିକ ମାଧ୍ୟମର ହାନିକାରକ
- ◆ କମ୍ ଆନ୍ତରିକତା
- ◆ ପ୍ରତିପୃଷ୍ଟି କଳା ବ୍ୟବସ୍ଥା ଧିର ଅଟେ ।

⇨ ପାରମ୍ପରିକ ତଥା ବୈଦ୍ୟୁତିକ ମାଧ୍ୟମର ପ୍ରକୃତି

**ପାରମ୍ପରିକ ମାଧ୍ୟମ**

- ◆ ଗ୍ରାମୀଣ, ଜନଜାତିକ୍ଷେତ୍ର ତଥା ନିରକ୍ଷରତା ପାଇଁ ଏହା ପ୍ରଭାବଶାଳୀ ମାଧ୍ୟମ ଅଟେ ।
- ◆ ମନୋରଂଜନ, ରଂଗ, ପୋଷାକ ନୃତ୍ୟ ତଥା ସଂଗୀତ ମାଧ୍ୟମରେ ଏହା ଶିକ୍ଷଣୀୟ ସନ୍ଦେଶ ପ୍ରଦାନ କରିଥାଏ ।
- ◆ ଦର୍ଶକ ସଂଚାରର ଏହି ମାଧ୍ୟମକୁ ସହଜ ଭାବରେ ଗ୍ରହଣ କରିଥାନ୍ତି ।

**ବୈଦ୍ୟୁତିକ ମାଧ୍ୟମ**

- ◆ ତତ୍‌କାଳ ଏବଂ ସମୟୋପଯୋଗୀ ମାଧ୍ୟମ ଅଟେ ।
- ◆ ବେତାର ଶସ୍ତା ତଥା ବହନୀୟ ମାଧ୍ୟମ ଅଟେ ।
- ◆ ଦୂରଦର୍ଶନରେ ଦୃଶ୍ୟ ଏବଂ ଶ୍ରବ୍ୟ ଦର୍ଶକମାନଙ୍କ ପାଇଁ ଯାଦୁକାରୀ ମାଧ୍ୟମ ଅଟେ ।
- ◆ ବେତାର ଏବଂ ଦୂରଦର୍ଶନ ମାଧ୍ୟମରେ ନିରନ୍ତର ସେବା ପ୍ରଦାନ



ଟୀପ୍ପଣୀ

- ◆ ଦୂରଦର୍ଶନର ଦର୍ଶକଙ୍କ ଉପରେ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ପଡ଼ିଥାଏ ।

⇨ ବୈଦ୍ୟୁତିକ ମାଧ୍ୟମ ତଥା ପାରମ୍ପରିକ ମାଧ୍ୟମର ମିଳାମିଶା ଭୂମିକା

- ◆ ପାରମ୍ପରିକ ପ୍ରଦର୍ଶନ ଜନ ସଂଚାର ଚାନେଲ୍ ଦ୍ୱାରା ପ୍ରସାରିତ ହୋଇଥାଏ ।
- ◆ ଚଳଚିତ୍ର ସଂଗୀତ ତଥା ନୃତ୍ୟଦ୍ୱାରା ପାରମ୍ପରିକ ମାଧ୍ୟମର ରୂପରେ ପରିବର୍ତ୍ତିତ ହୋଇଥାଏ ।

## ୨୭.୫ ପାଠ୍ୟାନ୍ତ ପ୍ରଶ୍ନ :

୧. ପାରମ୍ପରିକ ମାଧ୍ୟମ ତଥା ବୈଦ୍ୟୁତିକ ମାଧ୍ୟମର ପ୍ରକୃତି ବିଷୟରେ ଆଲୋଚନା କର ।

୨. ପାରମ୍ପରିକ ମାଧ୍ୟମର ଲାଭ କ୍ଷତି ସମ୍ପର୍କରେ ତାଲିକା ପ୍ରସ୍ତୁତ କର ।

୩. ଏକ ସପ୍ତାହ ପର୍ଯ୍ୟନ୍ତ ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖ । ଏହି ସମୟ ମଧ୍ୟରେ ପାରମ୍ପରିକ ମାଧ୍ୟମର ଯେଉଁ ରୂପ ଦୂରଦର୍ଶନରେ ଆପଣଙ୍କୁ ଦେଖାଗଲା, ତାହାକୁ ତାଲିକାଭୁକ୍ତ କର ।

## ୨୭.୬ ପାଠ୍ୟଗତ ପ୍ରଶ୍ନର ଉତ୍ତର :

**୨୭.୧** 1. i) ଭୁଲ୍

ii) ଠିକ୍

iii) ଭୁଲ୍

iv) ଠିକ୍

v) ଠିକ୍

**୨୭.୨** 1. i) ମାନବୀୟ ସଂଚାରରେ ସର୍ବାଧିକ ଉପଯୋଗୀ

ii) ବିଶେଷ ପ୍ରଶିକ୍ଷଣ ବା କାରିଗରୀର ଆବଶ୍ୟକତା ନାହିଁ ।

iii) ବ୍ୟକ୍ତି ବିଶେଷଙ୍କର ସଂସ୍କୃତି ତଥା ପରମ୍ପରାରେ ସର୍ବାଧିକ ସମ୍ବନ୍ଧ ।

iv) ଆମର ଜୀବନର ଅଭିନ୍ନ ଅଂଗ ।

v) ପ୍ରତିପୁଷ୍ଟି ତୁରନ୍ତ ତଥା ଜଣାଶୁଣା ।

vi) କୌଣସି ଅନ୍ୟାନ୍ୟ

2. i) କମ୍ ବନ୍ଧୁତ୍ୱ

ii) ପ୍ରତିପୃଷ୍ଟି ଯାନ୍ତ୍ରିକ ଏବଂ ଧିର ବ୍ୟବସ୍ଥା

iii) ଖର୍ଚ୍ଚାନ୍ତ ମାଧ୍ୟମ

iv) କାର୍ଯ୍ୟକ୍ରମ ପରିଚାଳନା ପାଇଁ ବିଶେଷ ପ୍ରଶିକ୍ଷଣର ଆବଶ୍ୟକ ।

v) ଗ୍ରାମୀଣ କ୍ଷେତ୍ରରେ ସୀମିତ ପ୍ରବେଶ ।

vi) କୌଣସି ଅନ୍ୟାନ୍ୟ

ଟୀପ୍ପଣୀ

# ୨୮

# ପାରମ୍ପରିକ ମାଧ୍ୟମ ଦ୍ୱାରା ସୂଚନାର ଆଦାନ ପ୍ରଦାନ

ସୂଚନା ଏକ ସକ୍ରିୟ ଧାରା ଅଟେ । ଏହା ସବୁ ସମୟରେ ଚାଲିଥାଏ । ଆପଣଙ୍କ ଅଙ୍ଗଭଙ୍ଗୀ, ପ୍ରଚଳନ, କଥା କହିବାର ଢ଼ଙ୍ଗ ତଥା କାମ କରିବା କିଛି ନା କିଛି ସୂଚନା ପ୍ରଦାନ କରିଥାଏ । ଏପର୍ଯ୍ୟନ୍ତ କି ଆପଣଙ୍କ ବେଶପୋଷାକ ଆପଣଙ୍କ ଅନ୍ୟାନ୍ୟ ସାଜସଜ୍ଜା ତଥା ଆଭୂଷଣ ମଧ୍ୟ ସୂଚନା ପ୍ରଦାନ କରିଥାଏ ।

ଉଦାହରଣ ସ୍ୱରୂପ କୌଣସି ବ୍ୟକ୍ତିକୁ ଦେଖିକରି କୁହାଯାଇପାରିବ ଯେ, ବ୍ୟକ୍ତି ଜଣଙ୍କ କୌଣସି ସ୍ଥାନ ବିଶେଷ ସହ ସମ୍ପର୍କୀତ ଅଟନ୍ତି ତଥା ଯେଉଁ ପୋଷାକ ପିନ୍ଧିଛନ୍ତି, ଏହା କେଉଁ ରାଜ୍ୟ ଅଟେ ।

ଏହି ଅଧ୍ୟାୟରେ ଆପଣ ସୂଚନାର ମାଧ୍ୟମର ରୂପରେ ପାରମ୍ପରିକ ମାଧ୍ୟମର ମହତ୍ତ୍ୱ ସମ୍ପର୍କରେ ଶିକ୍ଷା ଲାଭ କରିବେ । ଆପଣ ସାମାଜିକ ବିଷୟ ଉପରେ ପାରମ୍ପରିକ ମାଧ୍ୟମ ଦ୍ୱାରା ଯେଉଁ ଜାଗରଣ ସୃଷ୍ଟି ହେଉଛି, ସେହି ମାଧ୍ୟମର ଭବିଷ୍ୟତ ସମ୍ପର୍କରେ ଜ୍ଞାନଲାଭ କରିବେ ।

**ଉଦ୍ଦେଶ୍ୟ :**

ଏହି ଅଧ୍ୟାୟର ଅଧ୍ୟୟନ କରିବା ପରେ ଆପଣମାନେ ନିମ୍ନଲିଖିତ କାର୍ଯ୍ୟରେ ସମର୍ଥ ହୋଇପାରିବେ ।

- ସୂଚନାର ମାଧ୍ୟମ ରୂପରେ ପାରମ୍ପରିକ ମାଧ୍ୟମର ମହତ୍ତ୍ୱ ବ୍ୟାଖ୍ୟା କରିବେ ।
- ସାମାଜିକ, ଆର୍ଥିକ ତଥା ପୌରାଣିକ ସୂଚନାର ଅଂଶର ରୂପରେ ପାରମ୍ପରିକ ମାଧ୍ୟମର ବର୍ଣ୍ଣନା କରିବେ ।
- ସାମାଜିକ ବିଷୟ ଉପରେ ପାରମ୍ପରିକ ମାଧ୍ୟମର ଭୂମିକାକୁ ଜାଣିବେ ।
- ପାରମ୍ପରିକ ମାଧ୍ୟମର ଭବିଷ୍ୟତ ଉପରେ ଆଲୋକପାତ କରିବେ ।

## ୨୮.୧ ପାରମ୍ପରିକ ମାଧ୍ୟମ ଦ୍ୱାରା ଯୋଗାଯୋଗ :

ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁନି ବିଜୁଳି, ସାକ୍ଷରତା ତଥା ବୁନିୟାଦି, କାରିଗରୀ ସୁବିଧାର ବିନା ସହାୟତାରେ କିପରି ଲୋକମାନେ ସୂଚନା ପ୍ରାପ୍ତ କରୁଛନ୍ତି । ଏହା କିପରି ଯୋଗାଯୋଗ କରିଥାଏ ? କେଉଁ ଯୋଗାଯୋଗ ମାଧ୍ୟମକୁ ଏମାନେ ଉପଯୋଗ କରିଥାନ୍ତି ।

ବିକାଶର ଦେଶମାନଙ୍କର ଦୂରଦୂରାନ୍ତ କ୍ଷେତ୍ରରେ ରହିଥିବା ଲକ୍ଷାଧିକ ଲୋକଙ୍କର ଦୂରଦର୍ଶନ ଭଳି ଜନମାଧ୍ୟମ ପର୍ଯ୍ୟନ୍ତ ପହଞ୍ଚିବାର ଶକ୍ତି ନଥାଏ । ଉଦାହରଣ ସ୍ୱରୂପ ଦୂରଦର୍ଶନ ଦେଖିବାପାଇଁ ବିଜୁଳି ତଥା ସମାଚାର ପତ୍ର ପଢ଼ିବା ପାଇଁ ଲେଖାପଢ଼ାର ଆବଶ୍ୟକ ଜରୁରୀ ଅଟେ । ବେତାର ପାଇଁ ମଧ୍ୟ ବେତାର ସଂକେତ ଗ୍ରହଣ କରିପାରୁଥିବା ରିସିଭର୍ ତଥା ଖୁଣ୍ଟର ରହିବା ଜରୁରୀ ଅଟେ । ବିଜୁଳି ତଥା ସୁବିଧାର ଅଭାବରେ

ରହିଥିବା ଲୋକମାନଙ୍କୁ ସୂଚନା ପ୍ରାପ୍ତ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସମସ୍ୟାର ସମ୍ମୁଖୀନ କରିବାକୁ ପଡ଼ିଥାଏ । କିନ୍ତୁ ପାରମ୍ପରିକ ମାଧ୍ୟମ ସାଥିରେ ଏହା ନ ଥାଏ । ଏହାର ପ୍ରଦର୍ଶନ ପାଇଁ କେବଳ କିଛି ସ୍ଥାନର ଆବଶ୍ୟକତା ଥାଏ । ଉଦାହରଣ ସ୍ୱରୂପ ପଥପ୍ରାନ୍ତ ନାଟକର ପ୍ରଦର୍ଶନ ପାଇଁ ଚା'ଦୋକାନ ଆଗରେ କିମ୍ବା କୌଣସି ଗଛର ଛାଇ ତଳେ ମଧ୍ୟ ହୋଇଥାଏ । ଏହିପରି ଭାବରେ ଦର୍ଶକମାନଙ୍କ ପାଖରେ




**ଚିତ୍ର ୨୮.୧ : ପାରମ୍ପରିକ ମାଧ୍ୟମ:**

ଆପଣମାନେ ପୂର୍ବରୁ ଜାଣିଛନ୍ତି ପୂର୍ବପ୍ରସ୍ତୁତ ଏକ ମାନବୀୟ ଆବଶ୍ୟକତା ଅଟେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯୋଗାଯୋଗର ଆବଶ୍ୟକତା ପଡ଼ିଥାଏ ତଥା ସେମାନେ ଯୋଗାଯୋଗ କରିଥାନ୍ତି । ସାଧାରଣ ଲୋକଙ୍କ ପାଇଁ ଏହି ଯୋଗାଯୋଗ ନିଶ୍ଚିତ ଭାବରେ ଏକ ସରଳ, ବୋଧଗମ୍ୟ ହେବା ନିଶ୍ଚୟ ଦରକାର । ପାରମ୍ପରିକ ମାଧ୍ୟମ ଏହି ଅପେକ୍ଷାକୃତକୁ ପୂରା କରିଥାଏ ।

ପାରମ୍ପରିକ ମାଧ୍ୟମ ବିଭିନ୍ନ କାର୍ଯ୍ୟ କରିପାରୁଥିବା ଯୋଗାଯୋଗର ସାଧନ ଅଟେ । ଏହା ଇଚ୍ଛା ଅନୁସାରେ ଉପଲବ୍ଧ ହୋଇଥାଏ ତଥା ଆର୍ଥିକ ରୂପରେ ସମ୍ଭାଳି ହୋଇପାରିବ । ବିଭିନ୍ନ ବୟସ ବର୍ଗର ସ୍ତ୍ରୀ, ପୁରୁଷ ଏହାର ଆନନ୍ଦ ଉଠାଇଥାନ୍ତି । ଯେହେତୁ ଏହା ସଜୀବ ଅଟେ । ତେଣୁ ଗ୍ରାମୀଣ ଲୋକମାନେ ଏହା ଉପରେ ବିଶ୍ୱାସ କରିଥାନ୍ତି । ପ୍ରକୃତରେ ପାରମ୍ପରିକ ମାଧ୍ୟମ ଯୋଗାଯୋଗ ତଥା ସନ୍ଦେଶ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଭାବରେ ସମ୍ବାଦର ସ୍ଥିତିକୁ ସୃଷ୍ଟି କରିଥାଏ ମୁହାଁମୁହିଁ ଭାବରେ ।

ଆପଣମାନେ କାଠ କଣ୍ଢେଇ ବା ପଥପ୍ରାନ୍ତ ନାଟକ ଦେଖିଛନ୍ତି କି ? ଏହା ପାରମ୍ପରିକ ମାଧ୍ୟମର ଆଧୁନିକ ରୂପ ଅଟେ, ଯାହାକି ନାଟକ, ଗଳ୍ପ, ଗୀତ, ନୃତ୍ୟ ଯେଭଳି ପାରମ୍ପରିକ ମାଧ୍ୟମର ରୂପରେ ଅନେକ କାରିଗରୀ ତଥା ରୂପ ଗ୍ରହଣ କରିଥାଏ । ଏହା ଆପଣଙ୍କ ପାଇଁ କୌଣସି ସନ୍ଦେଶ ପହଞ୍ଚାଇଥାଏ କି ? କୌଣସି ମାଧ୍ୟମ ଯାହା ଆପଣ ଦେଖନ୍ତି, ସେଥିରେ ଗୋଟିଏ କିମ୍ବା ଅନେକ ସନ୍ଦେଶ ବା ବାର୍ତ୍ତା ମିଶିକରି ରହିଥାଏ ।



ଟୀପ୍‌ପଣୀ

ଆପଣ ପୂର୍ବ ଅଧ୍ୟାୟରେ ଜନମାଧ୍ୟମରେ ବିଜ୍ଞାପନର ଉପଯୋଗିତା ବିଷୟରେ ପଢ଼ିଥିବେ । ପାରମ୍ପରିକ ମାଧ୍ୟମ ଏହି ପ୍ରକାର ବିଜ୍ଞାପନରୁ ମୁକ୍ତ ଅଟେ । ଏହା ପାରମ୍ପରିକ ମାଧ୍ୟମର ବିଶିଷ୍ଟତା ମଧ୍ୟରୁ ଗୋଟିଏ ଅଟେ । ଜନମାଧ୍ୟମ ଏହି ବିଜ୍ଞାପନରୁ ନିଜର ଆୟପ୍ରାପ୍ତ କରିଥାଏ । ଏହାର ପରିଣାମ ହୋଇପାରେ କି ଏହା ବିଷୟ ସାମଗ୍ରୀକୁ ନେଇ ପକ୍ଷପାତ କରିଥାଏ, ଯାହାକି ସାଧାରଣ ଜନତାଙ୍କ ପାଇଁ ଅନୁକୂଳ ହୋଇନଥାଏ । ପାରମ୍ପରିକ ମାଧ୍ୟମ ଯାହା ବିଜ୍ଞାପନରୁ ମୁକ୍ତ ହୋଇଥାଏ, ତାହା ଉଦ୍ଦେଶ୍ୟପୂର୍ଣ୍ଣ ଭାବରେ ଆବଶ୍ୟକତା ଅନୁସାରେ ଯୋଗାଯୋଗ କରିଥାଏ । ଏହାର ସନ୍ଦେଶ କୌଣସି ସମସ୍ୟା ବା ବିଷୟର ବିଭିନ୍ନ ପକ୍ଷରେ ମିଶିକରି ରହିଥାଏ । ତଥା ଏହାର ଯୋଗାଯୋଗ ସୂଚନା ଜନଉପଯୋଗୀ ହୋଇଥାଏ ।

ଏକ ମନୋରଞ୍ଜନ ସର୍ବଦା ପାରମ୍ପରିକ ମାଧ୍ୟମର ଏକ ଅଙ୍ଗ ହିସାବରେ ରହିଅଛି । ମନୋରଞ୍ଜନ ସହିତ ବିଭିନ୍ନ ବିଷୟରେ ଦର୍ଶକମାନଙ୍କୁ ଶିକ୍ଷିତ କରିବା ପାରମ୍ପରିକ ମାଧ୍ୟମର ଏକ ମହତ୍ତ୍ୱପୂର୍ଣ୍ଣ ବିଶେଷତା ରହିଅଛି । ଏହାର ସନ୍ଦେଶ ବା ବାର୍ତ୍ତା, ମନୋରଞ୍ଜନ ଶିକ୍ଷା ତଥା ଯୋଗାଯୋଗ ତଥ୍ୟର ସଂଗେ ସଂଗେ ଯୋଗାଯୋଗ ହୋଇଥାଏ । ଏହା କୌଣସି ଅବାଞ୍ଛିତ ଇଚ୍ଛା ବା ଆଂକାକ୍ଷାକୁ ପ୍ରଦର୍ଶିତ କରି ନ ଥାଏ ।

## ପାଠ୍ୟଗତ ପ୍ରଶ୍ନ ୨୮.୧

ନିମ୍ନରେ ଦିଆଯାଇଥିବା ସୂଚୀ ମଧ୍ୟରୁ ପାରମ୍ପରିକ ମାଧ୍ୟମର ବିଶେଷତ୍ୱକୁ ସ୍ପଷ୍ଟ କରନ୍ତୁ ।

i) ଗ୍ରାମୀଣ କ୍ଷେତ୍ରରେ ମନୋରଂଜନ ଏକ ଉତ୍ତମ ସାଧନ ।

ii) ମୂଳତତ୍ତ୍ୱର ଆବଶ୍ୟକତା

iii) ବିଜୁଳିର ଆବଶ୍ୟକତା

iv) ଆବଶ୍ୟକତା ଆଧାରିତ ମାଧ୍ୟମ

v) ମନୋରଞ୍ଜନର ମିଶ୍ରଣ

vi) ଦର୍ଶକଙ୍କ ମଧ୍ୟରେ ଭୁଲ୍ ଇଚ୍ଛା ବା ଆଂକାକ୍ଷାର ପ୍ରସାରଣ କରିଥାଏ ।

vii) କମନୀୟ ମାଧ୍ୟମ

viii) ସ୍ୱାଭାବିକ ମାଧ୍ୟମ

ix) ବାଧାଯୁକ୍ତ ଭାଷା

x) ବିଜ୍ଞାପନ ଆଧାରିତ

## ୨୮.୨ ସାମାଜିକ, ଆର୍ଥିକ ତଥା ପୌରାଣିକ ଯୋଗାଯୋଗର ଅଙ୍ଗର ରୂପରେ ପାରମ୍ପରିକ ମାଧ୍ୟମ

ଆପଣମାନେ କେବେ ଧ୍ୟାନ ଦେଇଛନ୍ତି କୌଣସି ପର୍ବପର୍ବାଣିରେ ଗାଁମାନଙ୍କରେ ତା ସହିତ ସମ୍ପର୍କୀତ କୌଣସି ପାରମ୍ପରିକ ପ୍ରେରଣା ବିଚାର ବିମର୍ଶ କିମ୍ବା ଚିତ୍ରାଙ୍କନ ହୋଇଥାଏ । ଆପଣ ଏ ମଧ୍ୟ ପାଇପାରିବେ ଗାଁରେ ଥିବା ବୃଦ୍ଧ, ଯୁବକ, ମହିଳା, ଶିଶୁ ତଥା ଆବାଳ ବୃଦ୍ଧବନିତାଙ୍କ ମଧ୍ୟରେ ଅଲଗା ଅଲଗା ଖେଳ ତଥା ଗତିବିଧି ପରିଲକ୍ଷିତ ହୋଇଥାଏ । ଏହି ଖେଳରେ ଯୋଗଦାନ କେବଳ ଆରାମ ଦେଇଥାଏ ତାହା ନୁହେଁ, ମନୋରଞ୍ଜନ ମଧ୍ୟ ହୋଇଥାଏ ତଥା ସେମାନଙ୍କ ମଧ୍ୟରେ କ୍ରୀଡ଼ାଭାବନା ସୃଷ୍ଟି ହୋଇଥାଏ । ଆପଣ କ'ଣ ଏପରି ଖେଳରେ ଭାଗ ନେଇଛନ୍ତି ?

ଟୀପ୍ପଣୀ



**ଚିତ୍ର ୨୮.୨ : ଏକ ପାରମ୍ପରିକ ଖେଳ**

ପାରମ୍ପରିକ ମାଧ୍ୟମ ସାମୁଦାୟିକ ଜୀବନଚର୍ଚ୍ଚାର ଏକ ଅଭିନ୍ନ ଅଂଗ ଅଟେ ତଥା ସମୁଦାୟ ଭାବରେ ସ୍ୱୀକାର୍ଯ୍ୟ ହୋଇପାରୁଥିବା ବିକାଶମୁଖୀ କାର୍ଯ୍ୟ ଧାରାକୁ ସାମୁହିକ ଭାବରେ କାମରେ ଲଗାଇଥାଏ । ଭାରତରେ ଏହା ଏକ ସଫଳ ଜନ ସଚେତକ ରୂପରେ ପ୍ରତିଷ୍ଠିତ ଅଟେ । ଆପଣମାନେ ଏହା ପୂର୍ବରୁ ପାଠ କରିଛନ୍ତି ପାରମ୍ପରିକ ମାଧ୍ୟମ ସ୍ୱାଧୀନତା ଆନ୍ଦୋଳନରେ କିପରି ଭୂମିକା ଗ୍ରହଣ କରିଛି । ବିକାଶ ଧାରାର ବାର୍ତ୍ତାକୁ ଜନ ସମୁଦାୟ ମଧ୍ୟରେ ପ୍ରେରଣା କରିବାରେ ପାରମ୍ପରିକ ମାଧ୍ୟମ ଭାରତରେ ଏକ ଇତିହାସ ସୃଷ୍ଟି କରିଛି । ଏବେ ଆମେ ଦେଖିବା ଏହା କିପରି ସମ୍ଭବ ହୋଇପାରିଛି ।

ଶାସ୍ତ୍ରୀୟ ଆଖ୍ୟାନ ଉପରେ ଆଧାରିତ ନୃତ୍ୟ, ଧାର୍ମିକ ସଂଗୀତ ତଥା ପୌରାଣିକ ଆଖ୍ୟାନ ଉପରେ ଆଧାରିତ ଗ୍ରାମୀଣ ନାଟକ ଆଦି ଲୋକପ୍ରିୟ ପାରମ୍ପରିକ ମାଧ୍ୟମର ଉପଯୋଗ ଗ୍ରାମୀଣ ଲୋକଙ୍କ ମଧ୍ୟରେ ଜନସଂଖ୍ୟା, ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଉପରେ କରାଯାଇଛି । ଯୋଗାଯୋଗର ଏହିପରି ଭାବରେ ଉତ୍ତର ଦାୟିତ୍ୱ ହୋଇଯାଏ ଯାହା କି ପାରମ୍ପରିକ ମାଧ୍ୟମର ବିଭିନ୍ନ ରୂପକୁ ପରିକ୍ଷଣ କରି ସମସାମୟିକ ଆବଶ୍ୟକତାର ଅନୁରୂପ ବିକାଶର ବାର୍ତ୍ତାକୁ ଗ୍ରହଣ କରିବା ପାଇଁ ସର୍ବାଧିକ ଉପଯୁକ୍ତ ରୁଚିପୂର୍ଣ୍ଣ ମାଧ୍ୟମକୁ ବାଛିବା ପାଇଁ, ରୁଚିପୂର୍ଣ୍ଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଅଟେ । ଏହା ଗ୍ରାମୀଣ ଜୀବନରେ ପାରମ୍ପରିକ ମାଧ୍ୟମର ଉପଯୋଗିତାକୁ ସ୍ପଷ୍ଟ କରିଥାଏ ।

ଅନ୍ତଃ-ସାଂସ୍କୃତିକ ଯୋଗାଯୋଗର ବାଧା ସଂଚାରକୁ ପ୍ରଭାବିତ କରେନାହିଁ । ଯେହେତୁ ଏହି ମାଧ୍ୟମ ସାଂସ୍କୃତିକ ତଥା କ୍ଷେତ୍ର ଆଧାରିତ, ତଥାପି ଏହା ସୌହାର୍ଦ୍ଦ୍ୟ ଏବଂ ବନ୍ଧୁତ୍ୱର ଯୋଗାଯୋଗକୁ ଆଶାଧିକ ଯୋଗାଯୋଗ ଦ୍ୱାରା ସ୍ଥାପନ କରିଥାଏ । ପ୍ରଦର୍ଶନ ତଥା ଲଳିତକଳା ଭାଷାର ଆବଶ୍ୟକତାକୁ ଦରକାର କରେ ନାହିଁ ।

ଯୋଗାଯୋଗର ଏହି ଧାରାକୁ ଆପଣ ବଜାର ସ୍ଥାନରେ କିମ୍ବା ପ୍ରଦର୍ଶନ କ୍ଷେତ୍ର ତଥା ସାମାଜିକ ସ୍ଥାନରେ ଅନୁଭବ କରିଛନ୍ତି କି ? ଯେତେବେଳେ ଜନସମୂହ କୌଣସି ସ୍ଥାନରେ ଏକାଠି ହୁଅନ୍ତି ଏମାନଙ୍କ

ଟୀପ୍ପଣୀ

ମଧ୍ୟରେ ଯୋଗାଯୋଗ ହୋଇଥାଏ ଏବଂ ବିଭିନ୍ନ ବିଷୟ ଉପରେ ଆଲୋଚନା ପ୍ରତ୍ୟାଲୋଚନା ସମ୍ଭାବନା ସୃଷ୍ଟି ହୋଇଥାଏ । ଆପଣ ଏଠାରେ କଣ ଚିନ୍ତା କରୁଛନ୍ତି ? ଗୋଟିଏ ସାମାଜିକ, ପାରମ୍ପରିକ ତଥା ସାଂସ୍କୃତିକ ଏକତ୍ରୀକରଣ ଆଲୋଚନାକୁ ଆରମ୍ଭ କରେ ଏବଂ ଯୋଗାଯୋଗର ଆରମ୍ଭ ହୋଇଥାଏ । ବଜାର, ପର୍ବପର୍ବାଣୀ, ପାରମ୍ପରିକ, ଆୟୋଜନ, ଗ୍ରାମୀଣ ମେଳା କିମ୍ବା ଉତ୍ସବ ପରିସ୍ଥିତି ଅଟେ ଯାହାକି ପାରମ୍ପରିକ ଯୋଗାଯୋଗ ସୃଷ୍ଟିର ସ୍ଥାନ ସଦୃଶ ହୋଇଥାଏ ।

କିନ୍ତୁ ପ୍ରତ୍ୟେକ ପରିସ୍ଥିତି ପାଇଁ ଆପଣମାନଙ୍କ ଯୋଗାଯୋଗର ଅଲଗା ଅଲଗା ରୂପର ଆବଶ୍ୟକତା ଅଛି । ପାରମ୍ପରିକ ମାଧ୍ୟମର ବିଶିଷ୍ଟତା ଏହି ପରିସ୍ଥିତିର ବିଶେଷ ଜରୁରୀର ବିକଳ୍ପ ହେବାରେ ସାହାଯ୍ୟ କରିଥାଏ ।

## କାର୍ଯ୍ୟକଳାପ ୨୮.୧

*ଆପଣ କୌଣସି ଅନ୍ୟାନ୍ୟ ସର୍ବ ସାଧାରଣ ଯୋଗାଯୋଗ ସ୍ଥାନକୁ ଚିହ୍ନଟ କରିପାରିବେ କି ଯେଉଁଠାରେ ସାମାଜିକ, ସାଂସ୍କୃତିକ, ତଥା ଧାର୍ମିକ ଯୋଗାଯୋଗ ସମ୍ଭବ ହୋଇପାରେ ।*

ପାରମ୍ପରିକ ମାଧ୍ୟମ ଯଥା ପଥପ୍ରାନ୍ତ ନାଟକ, ନୃତ୍ୟ ତଥା ଗୀତ ଆଦିର ବିକାଶ ସମ୍ବନ୍ଧୀୟ ବାର୍ତ୍ତା ଭାରତରେ ଏକ ବିଶେଷ ଗୁରୁ ଦାୟିତ୍ୱ ତଥା କବଚ ସଦୃଶ୍ୟ ଅଟେ । ବିଭିନ୍ନ ସରକାରୀ ସଂସ୍ଥା ଯଥା ସଂଗୀତ ନାଟକ ଏକାଡ଼େମୀ ବା ବିଭାଗ, ଶିକ୍ଷା ପ୍ରଶିକ୍ଷଣ ସଂସ୍ଥା, ତଥା ବେସରକାରୀ ଅନୁଷ୍ଠାନମାନଙ୍କର ପାରମ୍ପରିକ ମାଧ୍ୟମ ଲୋକମାନଙ୍କ ମଧ୍ୟରେ ଜାଗରଣ ବା ଶିକ୍ଷା ପ୍ରଦାନ କରିଥାଏ । ଏହାର ବୁନିୟାଦି ପ୍ରଭାବ କେବଳ ଭାବନା ଉପରେ ନୁହେଁ ତା ସଂଗେ ସଂଗେ ବୈଦିକ ବା ବୁଦ୍ଧି ଉପରେ ପ୍ରଭାବ ପକାଇଥାଏ । ଲୋକମାନଙ୍କ ମଧ୍ୟରେ ଯୋଗାଯୋଗର ଦରକାରୀ ତାର ସଦୁପଯୋଗ ପାଇଁ ବିଭିନ୍ନ ରୂପ ଏବଂ ବିଷୟବସ୍ତୁକୁ ଉପସ୍ଥାପନ କରାଯାଇଥାଏ ।

## ପାଠ୍ୟଗତ ପ୍ରଶ୍ନ ୨୮.୨

୧. ଅନ୍ତତଃ ତିନୋଟି ଉତ୍ସବ/ ପରିସ୍ଥିତିର ଅବତରଣ କରନ୍ତୁ ଯାହାଦ୍ୱାରା ଯୋଗାଯୋଗର ପାରମ୍ପରିକ ମାଧ୍ୟମ ସଂଗଠିତ ହୋଇଥାଏ ।

   କ)

   ଖ)

   ଗ)

୨. ଲୋକମାନଙ୍କ ମଧ୍ୟରେ ତିନୋଟି ବାର୍ତ୍ତା ଉପଯୋଗୀ ଯୋଗାଯୋଗର ତିନୋଟି ପାରମ୍ପରିକ ମାଧ୍ୟମର ରୂପ ସଂପର୍କରେ ତାଲିକା କରନ୍ତୁ ।

## ୨୮.୩ ପାରମ୍ପରିକ ମାଧ୍ୟମର ବ୍ୟବହାର :

ପାରମ୍ପରିକ ମାଧ୍ୟମ ଦ୍ୱାରା ଯୋଗାଯୋଗ ବିଭିନ୍ନ ସମୁଦାୟ ମଧ୍ୟରେ ସବୁବେଳେ ଏକ ସମ୍ମାନ ପଦ ଆସନରେ ରହିଥାଏ । ଏହା କଣ ପାଇଁ ଆପଣ ଜାଣିଛନ୍ତି କି ? ଏଥିପାଇଁ କି ଏହା ବ୍ୟକ୍ତିର ପରମ୍ପରା ତଥା ସଂସ୍କୃତି ସ୍ଥାପିତ କରେ । ଏହା ସମ୍ମାନ, ମିତ୍ରତା ତଥା ଜ୍ଞାନର ପରିସର ସୃଷ୍ଟିକରେ ।

ଆପଣ ଜାଣିଛନ୍ତି କି ପାରମ୍ପରିକ ମାଧ୍ୟମକୁ ସାମାଜିକ ଦିଗ ଉପରେ ଲୋକଙ୍କ ମଧ୍ୟରେ ଜାଗରଣ ତଥା ସମ୍ବେଦନା ସୃଷ୍ଟି କରିବାରେ ମଧ୍ୟ ଉପଯୋଗ କରାଯାଇପାରିବ ? ଉଦାହରଣ ସ୍ୱରୂପ ମୁହାଁମୁହିଁ ଯୋଗାଯୋଗର ବିନିଯୋଗ HIV/AIDS ର ସଚେତନା ସୃଷ୍ଟି ଦିଗରେ ଏହା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । ଏଭଳି



ଟୀପ୍‌ପଣୀ

ବିଷୟକୁ କାଠ କଣ୍ଢେଇ ପ୍ରଦର୍ଶନ ଦ୍ୱାରା ଅତି ସହଜ ଏବଂ ସ୍ପଷ୍ଟଭାବରେ କରାଯାଇପାରିବ, ଯାହାକି ଅଧିକ ସୁଗମ ତଥା ପ୍ରଭାବଶାଳୀ ହୋଇପାରିବ । ପାରମ୍ପରିକ ମାଧ୍ୟମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମ୍ବେଦନଶୀଳ ବିଷୟକୁ ସ୍ପଷ୍ଟ କରିବାରେ ପୁରାପୁରି ଉପଯୋଗୀ ହୋଇଥାଏ । ଯେଉଁଠାରେ କି ମୁହାଁମୁହିଁ ଯୋଗାଯୋଗ ଅନୁପଯୁକ୍ତ ଅଟେ । ସ୍ୱତନ୍ତ୍ରତା ଆନ୍ଦୋଳନ ସମୟରେ ମଧ୍ୟ ପାରମ୍ପରିକ ମାଧ୍ୟମ ସ୍ୱତନ୍ତ୍ରତା ଆନ୍ଦୋଳନର ଭାବନାକୁ ପ୍ରସାର ମାଧ୍ୟମରେ କାର୍ଯ୍ୟକାରୀ କରୁଥିଲା । ଆମ ଦେଶରେ ସରକାର ଏହି ମାଧ୍ୟମକୁ ପ୍ରଭାବଶାଳୀ ଢ଼ଙ୍ଗରେ ଉପଯୋଗ କରି ପରିବାର ନିୟୋଜନ, ପୋଲିଓ ନିୟନ୍ତ୍ରଣ ଭଳି ବାର୍ତ୍ତା ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ଆପଣ କେବେ ***'ବେଲାଡ଼'*** ଶବ୍ଦର ସମ୍ପର୍କରେ ଶୁଣିଛନ୍ତି କି ? ବେଲାଡ଼ ଗୋଟିଏ କବିତା ଅଟେ ଯାହା ସାଧାରଣତଃ ସଙ୍ଗୀତ ଦ୍ୱାରା ଆବଦ୍ଧ ହୋଇଥାଏ ତଥା ପ୍ରାୟତଃ ଏହା ଗୀତ ରୂପରେ କାହାଣୀ ଭାବରେ ପ୍ରସ୍ତୁତ କରାଯାଇଥାଏ । ବେଲାଡ଼କୁ ବୁଲେଟ୍ ମଧ୍ୟ କୁହାଯାଇଥାଏ । କାରଣ ଏହା ଅଧିକ ଶକ୍ତିଶାଳୀ ଅଟେ ତଥା ପ୍ରଭାବଶାଳୀ ରୂପରେ ଏହା ଯୋଗାଯୋଗ ହୋଇପାରିଥାଏ । ବେଲାଡ଼ର ଉପଯୋଗ କରି ପର୍ଯ୍ୟାବରଣ, ବିଦ୍ୟୁତ୍ ସଂରକ୍ଷଣ, ଯୌତୁକ ଆଦି ବିଷୟ ଉପରେ ଅତି ସରଳ ଭାବରେ ଗାୟନ କରି ଲୋକମାନଙ୍କ ମଧ୍ୟରେ ପ୍ରସ୍ତୁତ କରାଯାଇଥାଏ । ଏହି ଗୀତ ମନୋରଞ୍ଜନର ଖୋରାକ ଯୋଗାଇଥାଏ । ଶବ୍ଦର ଲୟବଦ୍ଧ ପ୍ରସ୍ତୁତି ଦ୍ୱାରା ବେଲାଡ଼ ଶ୍ରୋତାଙ୍କ ମଧ୍ୟରେ ଏକ ଗଭୀର ରେଖାପାତ କରିଥାଏ ।

ପଥପ୍ରାନ୍ତ ନାଟକ ପାରମ୍ପରିକ ନାଟ୍ୟ ରୂପର ଏକ ଯୁଗଳବନ୍ଦୀ ଅଟେ ତଥା ଏହାର କୌଶଳକୁ ଉପଯୋଗ କରିଥାଏ । କୌଣସି ସମୟରେ ଏବଂ କୌଣସି ସ୍ଥାନରେ ଛୋଟ ନାଟକ ପ୍ରସ୍ତୁତିର କ୍ଷମତାକୁ ଗ୍ରହଣ କରି ଏହି ପଥପ୍ରାନ୍ତ ନାଟକର ସନ୍ଦେଶ ସର୍ବଦା ଦର୍ଶକମାନଙ୍କୁ ଉପଲବ୍ଧ କରିଥାଏ । ବାଳଶ୍ରମିକ, ବ୍ୟକ୍ତିଗତ ବିଭେଦ, ପର୍ଯ୍ୟାବରଣ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟବସ୍ତୁ, ମହିଳା ଇତ୍ୟାଦି ସାମାଜିକ ବିଷୟ ଉପରେ ଗୀତ, ସଂଗୀତ ତଥା ନାଟକର ମିଶ୍ରଣ ଦ୍ୱାରା ପ୍ରସ୍ତୁତବାର୍ତ୍ତା ଦର୍ଶକମାନଙ୍କୁ ଯୋଗାଯୋଗ କରିଥାଏ ତଥା ଏହା ଉପରେ ବିଶେଷ ଭାବରେ ପ୍ରଭାବ ପକାଇଥାଏ ।

ସାମାଜିକ ବାର୍ତ୍ତାର ପ୍ରସାରଣରେ ପାରମ୍ପରିକ ମାଧ୍ୟମର ଉପଯୋଗ କରିବାରେ ଏହାର ମୂଳରୂପରେ କୌଣସି ପରିବର୍ତ୍ତନ ନ ହେବା ଉଚିତ୍ ଅଟେ । ସାମାଜିକ ବାର୍ତ୍ତାର ପ୍ରସାରର ରୂପର କାଟଛାଟର ବିପଦ ସର୍ବଦା ରହିଥାଏ । ବ୍ୟକ୍ତି ବିଶେଷଙ୍କୁ ଏହାର ଉପଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରିବା ଦରକାର ଯେ, ଏହି ମାଧ୍ୟମର ବ୍ୟବହାର, ରୂପ ତଥା ପ୍ରସ୍ତୁତିରେ କୌଣସି ପ୍ରକାର କାଟଛାଟ୍ ହେବା ଆବଶ୍ୟକ ନାହିଁ ।

## ପାଠ୍ୟଗତ ପ୍ରଶ୍ନ ୨୮.୩

୧. ବେଲାଡ଼ କହିଲେ ଆପଣ କ'ଣ ବୁଝୁଛନ୍ତି ?

୨. କୌଣସି ଦୁଇଟି ପର୍ଯ୍ୟାବରଣ ବିଷୟବସ୍ତୁକୁ ତାଲିକାଭୁକ୍ତ କରନ୍ତୁ, ଯାହା ପାଇଁ ଆପଣ ପାରମ୍ପରିକ ମାଧ୍ୟମର ବ୍ୟବହାର କରିପାରିବେ ?

## ୨୮.୪ ପାରମ୍ପରିକ ମାଧ୍ୟମର ଭବିଷ୍ୟତ :

### ସ୍ଥାୟିତ୍ୱ :

ଯେତେବେଳେ ଆପଣ ସିନେମା ଘରକୁ ସିନେମା ଦେଖିବାକୁ ଯା'ନ୍ତି କିମ୍ବା ସାଇବର କେଫ୍‌ରେ ଇଣ୍ଟରନେଟ୍ ଉପଯୋଗ କରନ୍ତି, ଆପଣଙ୍କୁ କିଛି ପଇସା ଖର୍ଚ୍ଚ କରିବାକୁ ପଡ଼ିଥାଏ, ସେହି ପଇସା ସେହି ମାଧ୍ୟମକୁ

ଜୀବନ ପ୍ରଦାନ କରିଥାଏ । ଏହିପରି ପାରମ୍ପରିକ ମାଧ୍ୟମ ମଧ୍ୟ ସ୍ଥାୟିତ୍ୱ ଲାଭ କରିଥାଏ । ପ୍ରଦର୍ଶନ ପରେ ଦର୍ଶକ କିଛି ପଇସା ଦେଇଥାନ୍ତି, ଯାହାକି ଏହାର କଳା ତଥା କାରିଗରଙ୍କୁ ତିଷ୍ଠି ରହିବା ପାଇଁ ସାହାଯ୍ୟ କରିଥାଏ । ଆମର ପିତାମାତା ଏବଂ ପୂର୍ବ ପୁରୁଷମାନଙ୍କ ଛଡ଼ା ସେହି ଲୋକମାନେ ଅଟନ୍ତି, ଯେଉଁମାନେ କି ଏହି କଳାର ରୂପ ପାଇଁ ଯୋଗଦାନ କରିଛନ୍ତି । ଲୋକମାନଙ୍କ ଠାରୁ ପ୍ରାପ୍ତ ଅର୍ଥରେ ଏହି ମାଧ୍ୟମକୁ ଜୀବିତ ରଖିବା, ବିକଶିତ କରିବା ତଥା ସମୟ ସମୟରେ ଏଥିରେ ନୂତନତ୍ୱ ଆଣି ତାହାକୁ ପ୍ରସ୍ତୁତ କରିବାରେ ସାହାଯ୍ୟ ମିଳିଥାଏ ।

କିନ୍ତୁ ଆପଣ ଜାଣିଛନ୍ତି କି ଏଥିମଧ୍ୟରୁ ଅନେକ ଗୁଡ଼ିଏ ମାଧ୍ୟମ ଏବେ ଲୁଚିବାକୁ ବସିଲେଣି । ଏଥିରେ ଆମର ସଂସ୍କୃତି ଏବଂ ପରମ୍ପରାର ମଧ୍ୟ କ୍ଷୟ ହେଉଅଛି । ଅନେକ କଳାକାର ଏବେ ଦୂରଦର୍ଶନ ତଥା ଅନ୍ୟାନ୍ୟ ଆଧୁନିକ ଗଣମାଧ୍ୟମରେ ଯୋଗଦାନ କରିବା ପରେ ସେମାନଙ୍କର ବ୍ୟବସାୟକୁ ଅଲଗା ରୂପ ଦେଇଛନ୍ତି । ଏହା ଏକ ବିପଦ ଜନକ ସ୍ଥିତି ଅଟେ, ଯାହାକି କୌଣସିର ଅତୀତ ତଥା ସାଂସ୍କୃତିକ ଇତିହାସକୁ ବିଲୁପ୍ତ କରିବାର ସମ୍ଭାବନା ଅଛି । ଏହି ମାଧ୍ୟମକୁ ବିଦ୍ୟାଳୟ କିମ୍ବା ବିଶ୍ୱ ବିଦ୍ୟାଳୟମାନଙ୍କରେ ପଢ଼ା ଯାଉନାହିଁ । କିନ୍ତୁ ଏହା ଇଚ୍ଛୁକ ଯୁବକମାନଙ୍କ ଦ୍ୱାରା ଶିଖା ଯାଉଛି ତଥା ଏହିପରି ଭାବରେ ସେମାନଙ୍କର ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ହସ୍ତାନ୍ତରିତ କରାଯାଉଛି । ଅନେକ ଗୁଡ଼ିଏ ମୌଖିକ ପରମ୍ପରା ଅଛି ଯାହାର କି କୌଣସି ଲିଖିତ  ଦଲିଲ ଦସ୍ତାବିଜ ନାହିଁ । ଗୀତ ତଥା ଗଳ୍ପ ମୌଖିକ ରୂପରେ ମନେ ରଖାଯାଏ ତଥା ଏହି ପରିଭାବରେ ବ୍ୟକ୍ତିଙ୍କ ମାନସ ପଟରେ ସବୁଦିନ ପାଇଁ ରହିଯାଏ । ଯଦି ଏହି ମାଧ୍ୟମକୁ ଗ୍ରହଣ କରିବା ପାଇଁ କେହି ଆଗକୁ ନ ବଢ଼ନ୍ତି ତେବେ ସ୍ୱାଭାବିକ ଭାବରେ ଏହା ସମାପ୍ତ ହୋଇଯିବ ତଥା ଏହାର ପରିସମାପ୍ତି ଘଟିଯିବ ।

ପାରମ୍ପରିକ ମାଧ୍ୟମର ଚାରୋଟି ଅଧ୍ୟାୟର ଅଧ୍ୟୟନ ପରେ ଆପଣମାନେ ଭଲଭାବରେ ଉପଲବ୍ଧ କରୁଥିବେ ଯେ ଆମମାନଙ୍କର ସହ ଉପଯୋଗ ବା ସୁଉପଯୋଗ ପାଇଁ ଏହି ମାଧ୍ୟମ କେତେ ଦୂର ଉପଯୋଗୀ ଅଟେ କିନ୍ତୁ  ଏହି ମାଧ୍ୟମକୁ ଜୀବନ୍ତ କରି ରଖିବା ପାଇଁ ଆମେ କିପରି ସାହାଯ୍ୟ କରିବା ? ଏହାର ଉତ୍ତର ଦାୟିତ୍ୱ କିଏ ନେବ ? ଆପଣ ଏବଂ ଆପଣଙ୍କ ବନ୍ଧୁ ହିଁ ଏହା ନେବେ । ଏହି ମାଧ୍ୟମକୁ ବଞ୍ଚାଇବା ପାଇଁ ଆମ ସମାଜର ଯୋଗଦାନର ଆବଶ୍ୟକତା ରହିଛି । ଆମେ ଏହି ମାଧ୍ୟମକୁ ଉତ୍ସାହିତ କରିବା କେବଳ ଏହି ମାଧ୍ୟମକୁ ଦେଖିକରି, ଲେଖିକରି, କଥାବାର୍ତ୍ତା କରି, ଏହାର ବିଷୟରେ ଶିଖିକରି, ତଥା ସାମଗ୍ରିକ ରୂପରେ ଏହାକୁ ହୃଦୟଙ୍ଗମ କରି ।

ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ପର୍ଯ୍ୟାବରଣ ତଥା ଅନ୍ୟାନ୍ୟ ସାମାଜିକ ବିଷୟ ଉପରେ ଜାଗରଣର ପ୍ରସାର ଉଦ୍ଦେଶ୍ୟରେ ଭାରତ ସରକାର ଏହି ମାଧ୍ୟମକୁ ଉପଯୋଗ କରୁଅଛନ୍ତି । ପାରମ୍ପରିକ ମାଧ୍ୟମର ପୁନଃପ୍ରବର୍ତ୍ତନ ତଥା ଏହାକୁ ଦୀର୍ଘତର କରିବା ଉଦ୍ଦେଶ୍ୟରେ ସରକାର ଅନେକ ଗୁଡ଼ିଏ ଅନୁଷ୍ଠାନ ସୃଷ୍ଟି କରିଛନ୍ତି । ଏହି ଅନୁଷ୍ଠାନ ମଧ୍ୟରୁ ଗୀତ ଏବଂ ସଂଗୀତ ବିଭାଗ, ସଂଗୀତ ନାଟକ ଏକାଡ଼େମୀ, ଲଳିତ କଳା ଏକାଡ଼େମୀ ବିଜ୍ଞାପନ ଏବଂ ଦୃଶ୍ୟ ପ୍ରଚାର ନିର୍ଦ୍ଦେଶାଳୟ ଇତ୍ୟାଦି ଜାତୀୟ, ଆଞ୍ଚଳିକ ତଥା କ୍ଷେତ୍ରୀୟ ସ୍ତରରେ ସକ୍ରିୟ ଅଛନ୍ତି ।

ଆଧୁନିକ ଜନ ସଂଚାର, ଆର୍ବିଭାବର କଳା କୌଶଳ ତଥା ବିକାଶ ଏହି ମାଧ୍ୟମ ପାଇଁ ବିପଦ ସୃଷ୍ଟି କରୁଅଛି । ଯେହେତୁ ଜନ ମାଧ୍ୟମ ଜନ ସଂଚାର ସହିତ ନିଜକୁ ପରିଚିତ କରାଇଥାଏ ପାରମ୍ପରିକ ମାଧ୍ୟମ ଏକ ସରଳ ତଥା ମାନବୀୟ ସମ୍ବନ୍ଧର ଧାରା ଉପରେ ପର୍ଯ୍ୟବେସିତ ଅଟେ । ପରିବର୍ତ୍ତନ ଅବସମ୍ଭାବୀ ଅଟେ । ଯୋଗାଯୋଗ ଏବଂ ମିଡ଼ିଆର ପରିବର୍ତ୍ତିତ ରୂପ ପାରମ୍ପରିକ ମାଧ୍ୟମର ସ୍ଥାନକୁ ସଂକୁଚିତ କରୁଅଛି । ଏହି ମାଧ୍ୟମକୁ କେତେ ଦୂର ପର୍ଯ୍ୟନ୍ତ ଏହାର ନିଜସ୍ୱ ରୂପ ଠାରୁ ରକ୍ଷା କରାଯାଇପାରିବ ଏହା ହିଁ ହେଉଛି



ଟୀପ୍‌ପଣୀ

ଆଜିର ମୁଖ୍ୟ ଚର୍ଚ୍ଚାର ବିଷୟ । ବଦଳୁଥିବା ଦର୍ଶକଙ୍କ ରୁଚି ସଂଗେ ସଂଗେ ଏହି ମାଧ୍ୟମ ଆଧୁନିକ କଳାକୌଶଳ ତଥା କାରିଗରୀ ବିଦ୍ୟା ବିଷୟ ବସ୍ତୁ ଦ୍ୱାରା ଅନେକ ପରିମାଣରେ ପ୍ରଭାବିତ ହେଉଅଛି । ରାଜା-ରାଣୀଙ୍କ ଗଳ୍ପ କାହାଣୀ ଆଜି ଲୁପ୍ତ ପ୍ରାୟ । ଲୋକଙ୍କ ମଧ୍ୟରେ ପ୍ରୋତ୍ସାହନ ତଥା ଆର୍ଥୀକ ସାହାଯ୍ୟର ଅଭାବ କଳାକାରମାନଙ୍କୁ ସେମାନଙ୍କର ସୃଜନଶୀଳତାରୁ ଦୂରେଇ ନେଉଛି ସେମାନଙ୍କୁ ରଚନାତ୍ମକ କ୍ଷେତ୍ରରୁ ସଂପୂର୍ଣ୍ଣ ଅଲଗା। କରିଦେଉଛି ।

ଯେଉଁ ପର୍ଯ୍ୟନ୍ତ ଏହି ମାଧ୍ୟମକୁ ସମ୍ମାନ ଦିଆ ଯାଉଥିବ ସେ ପର୍ଯ୍ୟନ୍ତ ଏହା ଆଗାମୀ ପିଢ଼ି ପାଇଁ ବଞ୍ଚି ରହିଥିବ । ଏହା ଆମର ସଂସ୍କୃତି ତଥା ପରମ୍ପରାର ମୂଲ୍ୟବାନ୍ ଅଳଙ୍କାର ଅଟେ । କିନ୍ତୁ ଆମର ସମକକ୍ଷ ଅନେକ ପାରମ୍ପରିକ ମାଧ୍ୟମର ରୂପକୁ ତଡ଼ିତ୍ ଗତିରେ ପରିବର୍ତ୍ତନ ଏବଂ କ୍ଷୟରୁ ବଞ୍ଚାଇ ଆଗାମୀ ଭବିଷ୍ୟତ ପିଢ଼ିପାଇଁ ବଞ୍ଚାଇ ରଖିବା ଏକ ପରୀକ୍ଷାର ଘଡ଼ି ଅଟେ ।

## ପାଠ୍ୟଗତ ପ୍ରଶ୍ନ ୨୮.୪

୧. କୌଣସି ଦୁଇଟି ସରକାରୀ ଅନୁଷ୍ଠାନର ନାମ ଲେଖନ୍ତୁ ଯାହାକି ପାରମ୍ପରିକ ମାଧ୍ୟମକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ ?

୨. ଦୁଇଟି କୌଶଳର ଉପାୟ ଦିଅନ୍ତୁ ଯାହାକି ପାରମ୍ପରିକ ମାଧ୍ୟମକୁ ବଞ୍ଚାଇବାରେ ସାହାଯ୍ୟ କରିବ ?

## ୨୮.୫ ଆପଣମାନେ କ'ଣ ଶିକ୍ଷା କଲେ

⇨ ପାରମ୍ପରିକ ମାଧ୍ୟମ - ସାମାଜିକ, ଆର୍ଥିକ ତଥା ପାରମ୍ପରିକ ଯୋଗାଯୋଗର ଏକ ଅଂଶ

⇨ ପାରମ୍ପରିକ ମାଧ୍ୟମର ପ୍ରୟୋଗ
  - ସାମାଜିକ ବିଷୟ ଉପରେ ଜାଗରଣ ସୃଷ୍ଟି
  - ବିଭିନ୍ନ ବିଷୟ ଉପରେ ଲୋକମାନଙ୍କୁ ସମ୍ବେଦନଶୀଳ

⇨ ପାରମ୍ପରିକ ମାଧ୍ୟମର ଭବିଷ୍ୟତ
  - ସ୍ଥାୟିତ୍ୱ

## ୨୮.୬ ପାଠ୍ୟାନ୍ତ ପ୍ରଶ୍ନ

୧. ପାରମ୍ପରିକ ମାଧ୍ୟମର ଭୂମିକା ସଂପର୍କରେ ବର୍ଣ୍ଣନା କରନ୍ତୁ :-

କ) ଯୋଗାଯୋଗର ଏକ ସାଧନ ରୂପରେ

ଖ) ସାମାଜିକ - ଆର୍ଥୀକ ତଥା ପାରମ୍ପରିକ ଯୋଗାଯୋଗର ଅଂଶର ରୂପରେ

୨. ବିକାଶର ବିଷୟ ଉପରେ ପାରମ୍ପରିକ ମାଧ୍ୟମ କିପରି କାର୍ଯ୍ୟକ୍ରମ ହେବ ତାହା ବର୍ଣ୍ଣନା କର ?

୩. ପାରମ୍ପରିକ ମାଧ୍ୟମ ଗଠନ ଦୀର୍ଘତର ହେବାପାଇଁ ଯେଉଁ ସମସ୍ୟା ସୃଷ୍ଟି ହେଉଛି ତାକୁ ବର୍ଣ୍ଣନା କର ?


## ୨୮.୭ ପାଠ୍ୟଗତ ପ୍ରଶ୍ନର ଉତ୍ତର

**୨୮.୧** 1. i), iv), vii), viii)

**୨୮.୨** 1. i) ସାମାଜିକ ଜନ ସମ୍ମିଳନୀରେ ଯୋଗାଯୋଗ

ii) ପର୍ବପର୍ବାଣୀ ସମୟରେ ଯୋଗାଯୋଗ

iii) ଗ୍ରାମ୍ୟ ମେଳାରେ ଯୋଗାଯୋଗ



ଟୀପ୍ପଣୀ

iv) ଅନ୍ୟାନ୍ୟ

2. i) ପଥପ୍ରାନ୍ତ ନାଟକ

   ii) ଧାର୍ମିକ ସଂଗୀତ

   iii) ପାରମ୍ପରିକ ନୃତ୍ୟ

   iv) ଅନ୍ୟାନ୍ୟ

**୨୮.୩ ଦେଖନ୍ତୁ ଭାଗ ୨୮.୩**

1. i) ପୃଥିବୀ ବଞ୍ଚାନ୍ତୁ

   ii) ପ୍ଲାଷ୍ଟିକ ବ୍ୟବହାର ଉପରେ ନିଷିଦ୍ଧାଦେଶ

   iii) ଅନ୍ୟାନ୍ୟ

**୨୮.୪** 1. i) ଗୀତ ଏବଂ ନାଟକ ବିଭାଗ

   ii) ଲଳିତ କଳା ଏକାଡ଼େମୀ

   iii) ଅନ୍ୟାନ୍ୟ

2. i) ପାରମ୍ପରିକ ପ୍ରଦର୍ଶନୀକୁ ଦେଖିବା

   ii) ପାରମ୍ପରିକ ମାଧ୍ୟମ ବିଷୟରେ ଲେଖିବା

   iii) ଅନ୍ୟାନ୍ୟ



ଟୀପ୍‌ପଣୀ

## ୨୭.୩ ଫଟୋଫିଚର୍ ତଥା ଫଟୋ ସଂପାଦନ :

ଫଟୋଫିଚର୍‌କୁ ଫଟୋ ନିବନ୍ଧ ମଧ୍ୟ କୁହାଯାଏ । ଯେପରି ନାମରୁ ସ୍ପଷ୍ଟ ଅଟେ ଫଟୋଗ୍ରାଫ୍‌ର ମାଧ୍ୟମରେ କୌଣସି ବିଷୟ ଉପରେ କାହାଣୀ ବା ନିବନ୍ଧ ପ୍ରସ୍ତୁତ କରିବା । ଏହା କୌଣସି ବିଷୟ, ସ୍ଥାନ, ତଥା ବ୍ୟକ୍ତି ଯାହାର ଫଟୋ ଉତ୍ତୋଳନ ହୋଇଥାଏ ତାରି ଉପରେ ଆଧାରିତ ହୋଇପାରେ ।

ଆପଣମାନେ ପତ୍ରପତ୍ରିକାରେ ଏଭଳି ରୁଚିପୂର୍ଣ୍ଣ ବିଷୟ ଉପରେ ଫଟୋଫିଚର୍ ଦେଖିଥିବେ । ଜଣେ ଫଟୋ ସାମ୍ବାଦିକ ଫଟୋଫିଚର୍ କିପରି ପ୍ରସ୍ତୁତ କରିଥାଏ ।

ଫଟୋଫିଚର୍ ସାଧାରଣତଃ ପତ୍ରପତ୍ରିକାର ସଂପାଦକଙ୍କ ଡ଼େସ୍କ ଉପରେ ଆକାର ନେଇଥାଏ ଏବଂ ଫଟୋ ସଂପାଦକ ଏ ବିଷୟରେ ନିଜର ନିର୍ଦ୍ଦେଶନା ଦେଇଥାନ୍ତି । ଏବେ ପ୍ରଶ୍ନ ଉଠୁଛି ଫଟୋ ସଂପାଦକ କିଏ ? ଫଟୋ ସଂପାଦକ କୌଣସି ସମାଚାର ପତ୍ର ବା ପତ୍ରପତ୍ରିକାର ଫଟୋ ବିଭାଗର ମୁଖ୍ୟଙ୍କୁ ବୁଝାଇଥାଏ । ଏ ଫଟୋଗ୍ରାଫର୍‌ଙ୍କୁ ଚିହ୍ନଟ କରିଥାନ୍ତି ତଥା ସେମାନଙ୍କ ସହିତ ବିଷୟ ଉପରେ ଚର୍ଚ୍ଚା କରିଥାନ୍ତି । ଏମାନେ ସେହି ରିପୋର୍ଟରଙ୍କୁ ମଧ୍ୟ ଚୟନ କରିଥାନ୍ତି ଯେଉଁମାନେ ଫଟୋ ନିବନ୍ଧ ପାଇଁ ସମାଚାର ତଥା ବିବରଣୀ ତିଆରି କରିଥାନ୍ତି । ଏହା ମଧ୍ୟ ଫଟୋ ସଂପାଦକଙ୍କ କାର୍ଯ୍ୟ ଅଟେ ପରିସ୍ଥିତିକୁ ନେଇ ସଠିକ୍ ଛବି ସଠିକ୍ ସ୍ଥାନରେ ଚୟନ କରିବା ଏବଂ ସବୁଠାରୁ ଭଲ ଛବିକୁ ବାଛିବା ।

ଆପଣ ପୂର୍ବରୁ ଜାଣି ସାରିଛନ୍ତି ଗୋଟିଏ ଛବି ହଜାର ଶବ୍ଦର କ୍ଷମତା ରଖିଥାଏ । ସେହି ପ୍ରକାର କିଛି ଚିତ୍ରରୁ ପ୍ରସ୍ତୁତ ଗୋଟିଏ ଭଲ ଫଟୋ ନିବନ୍ଧ ସର୍ବଶ୍ରେଷ୍ଠ ଲିଖିତ ନିବନ୍ଧ ମଧ୍ୟରୁ ସର୍ବାଧିକ ପ୍ରଭାବ ଦେଇଥାଏ ।

ଏବେ ଆମେ ଗୋଟିଏ ଫଟୋ ଫିଚର୍‌ର ଉଦାହରଣ ନେବା ଯାହା ଏକ ପରିବାର ଉପରେ ଆଧାରିତ ତଥା ପାଞ୍ଚଟି ଫଟୋଗ୍ରାଫର୍ ଚୟନ ହେବ ଯାହା ଗୋଟିଏ ଅନ୍ୟଟି ଠାରୁ ସମୃଦ୍ଧଶାଳୀ କରିଥାଏ । ଯଦି ପରିବାରରେ ମାତା ପିତା ସେମାନଙ୍କର ପୁଅଝିଅ ତଥା ଜେଜେ ମା ଜେଜେ ବାପା ଥାଆନ୍ତି ତେବେ ନିମ୍ନାଙ୍କିତ ଫଟୋଗ୍ରାଫ୍ ସମ୍ଭବ ହେବ ।

- ଏକାଠି ଭୋଜନ କରୁଥିବା ପରିବାରର ସମସ୍ତ ସଦସ୍ୟ
- କାର୍ଯ୍ୟକ୍ଷେତ୍ରକୁ ଯାଉଥିବା ବାପା
- ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତ କରୁଥିବା ମା
- ସ୍କୁଲ୍‌ରୁ ଘରକୁ ଆସୁଥିବା ଝିଅ ପୁଅ
- ଦୂରଦର୍ଶନ ଦେଖୁଥିବା ଜେଜେ ବାପା-ମା

ଏହା ଏପରି କିଛି ଫଟୋଗ୍ରାଫ ଯାହାକୁ ନେଇ ସେହି ପରିବାର ଉପରେ ଏକ ସଂକ୍ଷିପ୍ତ ନିବନ୍ଧ ତିଆରି କରାଯାଇପାରିବ । ନିଃସନ୍ଦେହରେ ଏଥିରେ ଆଉ କିଛି ରୁଚିପୂର୍ଣ୍ଣ ଚିତ୍ର ମଧ୍ୟ ନିଆଯାଇପାରିବ । ଆପଣ ନିଜେ ମଧ୍ୟ ଆପଣଙ୍କର ଫଟୋ ସଂପାଦକ ହୋଇପାରିବେ କିମ୍ବା କୌଣସି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଠାରୁ ପରାମର୍ଶ ନେଇ ପାରିବାରିକ ଫଟୋ ନିବନ୍ଧ ପ୍ରସ୍ତୁତ କରିପାରିବେ ।

## ପାଠ୍ୟଗତ ପ୍ରଶ୍ନ ୨୭.୩

୧. ଫଟୋଫିଚର କହିଲେ କଣ ବୁଝାଏ ?

୨. ଫଟୋ ସଂପାଦକ କାହାକୁ ବୁଝାଏ ?

୩. ଫଟୋ ନିବନ୍ଧର ଅନ୍ୟ ନାମ କ'ଣ ଅଟେ ?

## ୨୭.୪ଆପଣ କ'ଣ ଶିଖିଲେ

⇨ କ୍ରୀଡ଼ା ଫଟୋ ସାମ୍ବାଦିକତାର ଅର୍ଥ

⇨ ଫଟୋ ସାମ୍ବାଦିକତାର ପ୍ରକାର ଭେଦ
- ◆ କ୍ରୀଡ଼ା ଫଟୋ ସାମ୍ବାଦିକତା
- ◆ ଯୁଦ୍ଧ ଫଟୋ ସାମ୍ବାଦିକତା
- ◆ ଗ୍ଲାମର୍ ଫଟୋ ସାମ୍ବାଦିକତା
- ◆ ତତ୍କାଳିକ ସମାଚାର ଫଟୋ ସାମ୍ବାଦିକତା
- ◆ ଯାତ୍ରା ଫଟୋ ସାମ୍ବାଦିକତା
- ◆ ବନ୍ୟଜନ୍ତୁ ଫଟୋ ସାମ୍ବାଦିକତା

⇨ ଫଟୋଗ୍ରାଫ୍ ସଂକଳନ
- ◆ ବିଷୟର ସମାବେଶ
- ◆ ସନ୍ତୁଳନ
- ◆ କ୍ୟାମେରା ଆଙ୍ଗଲ

⇨ ଫଟୋଫିଚର୍ ତଥା ଫଟୋ ସଂପାଦନା
- ◆ ବିଷୟର ସମାବେଶ
- ◆ ସନ୍ତୁଳନ
- ◆ କ୍ୟାମେରା ଆଙ୍ଗଲ

## ୨୭.୫ ପାଠ୍ୟାନ୍ତ ପ୍ରଶ୍ନ

୧. ଫଟୋ ସାମ୍ବାଦିକତା କହିଲେ କ'ଣ ବୁଝାଏ ? ସମାଚାର ପତ୍ରର ଉଦାହରଣ ଦେଇ ବ୍ୟାଖ୍ୟା କରନ୍ତୁ ।

୨. ଫଟୋ ସାମ୍ବାଦିକତାରେ ସଂକଳନର ଉପଯୋଗ କଣ ?

୩. ଫଟୋ ଫିଚରରେ ଫଟୋ ସଂପାଦକଙ୍କର ଭୂମିକା ସଂପର୍କରେ ବର୍ଣ୍ଣନା କରନ୍ତୁ ।

## ୨୭.୬ ପାଠ୍ୟଗତ ପ୍ରଶ୍ନର ଉତ୍ତର

**୨୭.୧ 1.** i) ଭୂଲ୍

ii) ଭୂଲ୍

iii) ଭୂଲ୍

iv) ସଠିକ୍

v) ସଠିକ୍

**୨୭.୨** 1. ତୃତୀୟ ନିୟମ

2. ବିଷୟର ସମାବେଶ ତଥା ଛବି ଫ୍ରେମର ତତ୍ତ୍ୱରେ ବିଷୟର ସମାବେଶକୁ ସଂକଳନ କୁହାଯାଏ ।

3. କ୍ୟାମେରା ଆଙ୍ଗଲ

**୨୭.୩** 1. ଫଟୋ ଫିଚର ଫଟୋଗ୍ରାଫିର ସହାୟତାରେ କୌଣସି ବିଷୟ ଉପରେ ପ୍ରସ୍ତୁତ କାହାଣୀ ବିବରଣୀର ନିବନ୍ଧ ଅଟେ ।

2. ଫଟୋ ସଂପାଦକ ସେହି ବ୍ୟକ୍ତି ଅଟନ୍ତି ଯିଏ କୌଣସି ସମାଚାର ପତ୍ର ତଥା ପତ୍ରିକାରେ ଫଟୋ ବିଭାଗର ଅଧିକାରୀ ଅଟନ୍ତି ।

3. ଫଟୋ ଫିଚର୍